ସକାଳ THE SAKALA



# ଗୁଳମୀର ବିକାଶ ପାଇଁ ୧ କୋଟି ୧୫ଲକ୍ଷ ଟଙ୍କାର ଅନୁଦାନ ଘୋଷଣା

କୋଟପାଡ, ୧୦।୧(ସମିସ):




କୋଟପାଡ଼ ବ୍ଲକ ଅନ୍ତର୍ଗତ ଛତର୍ଲା ଗ୍ରାମ ପଞ୍ଚାୟତରେ ଗୁଳମୀ ଜଳ ପ୍ରପାତ ଅବସ୍ଥିତ। ତତ୍କାଳୀନ ଜିଲ୍ଲାପାଳ ଆର କେ ପାଟିଲଙ୍କ ତତ୍ତ୍ୱାବଧାନରେ ଏହାର ଉନ୍ନତି କରାଯିବା ସହ ଜିଲ୍ଲା ସ୍ତରୀୟ ପରବ ଶୁଭ ଉଦଘାଟନ କରାଯାଇ ୩୨ ଲକ୍ଷର ଅନୁଦାନ ଦେଇ ଏହାର ଉନ୍ନତି କାର୍ଯ୍ୟ କରାଯାଇଥିଲା । ପରବର୍ତୀ ସମୟରେ ଏହାର ଉନ୍ନତିରେ ଡୋରି ବନ୍ଧା ଯାଇଥିଲା। ଗୁଳମୀ ବଞ୍ଚାଓ ସଂଘର୍ଷ ସମିତି ଏହାର ଉନ୍ନତି ଓ ରକ୍ଷଣା ବେକ୍ଷଣ ପାଇଁ ତତ୍କାଳୀନ ସରକାର ଓ ପ୍ରଶାସନ ନିକଟରେ ଦାବି ଉଠାଇ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରି ଆସୁଥିଲେ। ଏହି ପର୍ଯ୍ୟଟନ କ୍ଷେତ୍ରକୁ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିଲେ ହେଁ ଏଠାରେ କୌଣସି ସୁବିଧା ନ ଥିବାରୁ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ଏହା ଛଡା ବିଭିନ୍ନ ଗଣମାଧ୍ୟମ ଅସୁରକ୍ଷିତ ଗୁଳମୀ ସମ୍ପର୍କରେ ଖବର ପ୍ରସାରଣ କରି ସରକାର ଓ ପ୍ରଶାସନର ଦୃଷ୍ଟି କୁ ଆଣିଥିଲ। ପରବର୍ତ୍ତୀ ସମୟରେ ସରକାର ବଦଳିବା ପରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଏହାର ବିକାଶ ପାଇଁ ରାଜ୍ୟ ସରକାର, ପର୍ଯ୍ୟଟନ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦୃଷ୍ଟିକୁ ଆଣି ଅନୁଦାନ ପାଇଁ ଅନୁରୋଧ କରିଥିଲେ। କୋରାପୁଟ ଜିଲ୍ଲାକୁ ପରିଦର୍ଶନରେ ଆସି ଉପ ମୁଖ୍ୟମନ୍ତ୍ରୀ କୋଟପାଡ଼ ଗୁଳମୀ ପାଇଁ ଅର୍ଥ ମଞ୍ଜୁର କରିବାକୁ ପ୍ରତିଶୃତି ଦେଇଥିଲେ। ଗତକାଲି ରାଜ୍ୟ କ୍ୟାବିନେଟ ବୈଠକରେ କୋରାପୁଟ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଅନୁଦାନ ଘୋଷଣା କରିବା ସହ କୋଟପାଡ଼ର ଗୁଳମୀ ପାଇଁ ମଧ ୧ କୋଟି ପନ୍ଦର ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି। ଗୁଳମୀ ବଞ୍ଚାଓ ସଂଘର୍ଷ ସମିତିର ସଭାପତି ପଙ୍କଜ କୁମାର ପାତ୍ର, ପ୍ରଦୀପ ବକ୍ସି, ସାଗର ପାତ୍ର, ସମିତି ସଭ୍ୟ ଗୁରୁନାଥ ହରିଜନ, ବ୍ଲକ ଅଧକ୍ଷା କମଳା ଭତ୍ରା, ଉପାଧକ୍ଷ ତପନ ପାଣି ଗ୍ରାହୀ, ଛତର୍ଲା ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ତ୍ରିପତି ଚାଲାଣ ପ୍ରମୁଖ ଏଭଳି ନିଷ୍ପତି ପାଇଁ ଅଞ୍ଚଳବାସୀଙ୍କ ତରଫରୁ ରାଜ୍ୟ ସରକାର ଓ ବିଶେଷ କରି ବିଧାୟକ ରୁପୁ ଭତ୍ରାଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି ।

## ଏସିଆର ସର୍ବବୃହତ୍ ମକା ବଜାରରେ ନାହିଁ ମଣ୍ଡି ବ୍ୟବସ୍ଥା

# ଦଲାଲ୍ କବ୍ଜାରେ ମକା ଚାଷୀ



ନବରଙ୍ଗପୁର,୧୦।୧(ସମିସ): ଏସିଆର ସର୍ବବୃହତ୍‌ମକା ବଜାରରେ ଦଲାଲି ରାଜ୍ ଚାଲିଛି। ଦଲାଲଙ୍କ କବ୍‌ଜାରେ ମକା ବଜାର। ମଣ୍ଡି ବ୍ୟବସ୍ଥା ନ ଥିବାରୁ ଉଚିତ ମୂଲ୍ୟ ପାଇ ନପାରି କ୍ଷତିଗ୍ରସ୍ତ ହେଉଛନ୍ତି ଚାଷୀ। ଦଲାଲଙ୍କୁ ହାତ ନିକଟରେ କମ୍ ମୂଲ୍ୟରେ ବିକ୍ରି କରି ହନ୍ତସନ୍ତ ଚାଷୀ । ଏପରିକି ମକା ଚାଷରୁ ବି ମୁହଁ ଫେରାଉଛନ୍ତି। ଉଚିତ ମୂଲ୍ୟ ପାଇଁ ମଣ୍ଡି ଖୋଲିବା ପାଇଁ ଦାବି ହେଉଛି। ନଚେତ୍ ଆନ୍ଦୋଳନର ଚେତାବନୀ ଦେଲେ ଚାଷୀ। କୃଷି ବହୁଳ ନବରଙ୍ଗପୁର ଜିଲ୍ଲାରେ ମକା ଚାଷ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏସିଆ ମହାଦେଶର ସର୍ବବୃହତ୍ ମକା ଉତ୍ପାଦନକାରୀ ଜିଲ୍ଲା ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛି ନବରଙ୍ଗପୁର ଜିଲ୍ଲା। ମକା ଏକ ଅର୍ଥକାରୀ ଫସଲ ହୋଇଥିବାରୁ ଜିଲ୍ଲାର ଅଧିକାଂଶ ଚାଷୀ ଧାନ, ଆଖୁ ବଦଳରେ ମକାକୁ ପ୍ରାଧାନ୍ୟ ଦେଇ ଚାଷ କରନ୍ତି। ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲାରେ ଭଲ ମକା ଫସଲ ହୋଇଛି। ଭଲ ଦି ପଇସା ରୋଜଗାର ଆଶା ନେଇ ଚାଷୀ ଅନାଇ ରହିଥିବା ବେଳେ ମକା ଅମଳକୁ ଦୁଇ ମାସ ବିତିଯାଇଛି। ହେଲେ ମଣ୍ଡି ବ୍ୟବସ୍ଥା ନଥିବାରୁ ଅମଳ ମକା ବିକ୍ରି ହେଇ ପାରୁନାହିଁ । ମକାର ଏମ୍‌ଏସପି ଦର କ୍ୱିଣ୍ଟାଲ ପ୍ରତି ୨୪ ଶହରୁ ଅଧିକ ଟଙ୍କା ରହିଛି। କିନ୍ତୁ ମଣ୍ଡି ବ୍ୟବସ୍ଥା ନ ଥିବାରୁ କଷ୍ଟ ଉପାର୍ଜିତ ଫସଲ ଦଲାଲ ହାତକୁ ୧୪ ଶହରୁ ୧୫ ଶହ ଟଙ୍କାରେ ଚାଲି ଯାଉଛି। ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଚାଷୀ। ଋଣ କରି ମକା ଚାଷ କରିଥିବା ଚାଷୀ ଋଣ କିଭଳି ପରିଶୋଧ କରିବ ସେନେଇ ଚିନ୍ତାରେ। ଜିଲ୍ଲାରେ ମକା ମଣ୍ଡି ନ ଥିବା ବେଳେ ପଡୋଶୀ ଛତିଶଗଡ଼ ରାଜ୍ୟର ବଜାରରେ ମକାର ଉଚିତ ମୂଲ୍ୟ ଥିବା ବେଳେ ନବରଙ୍ଗପୁର ଚାଷୀଙ୍କ ଠାରୁ କମ ମୂଲ୍ୟରେ କିଣି ଛତିଶଗଡ଼ରେ ବିକ୍ରି କରି ମାଲେମାଲେ ହେଉଛନ୍ତି ଦଲାଲ। ଚାଷୀ ଉଚିତ ମୂଲ୍ୟ ପାଇବା ପାଇଁ ଆନ୍ଦୋଳନର ଧମକ ଦେଇଛନ୍ତି। ଅପରପକ୍ଷରେ ଏସିଆର ସର୍ବବୃହତ ମକା ବଜାରରେ ଷଡ଼ଯନ୍ତ୍ର କରି କାଗଜପତ୍ରରେ ମକା ମଣ୍ଡି ଚାଲିଥିବା ଅଭିଯୋଗ କରିଛନ୍ତି ଚାଷୀ। ଏଥି ସହିତ ଜିଲ୍ଲାର କାଁ ଭାଁ ଗୋଟିଏ ସ୍ଥାନରେ ନାମକୁ ମାତ୍ର ମଣ୍ଡି ଖୋଲା ଯାଇଛି। କିନ୍ତୁ ସେଠାକୁ ମକା ଚାଷୀ ନିଜର ମକା ନେଇ ମଣ୍ଡିରେ ବିକ୍ରି କରିବା କାଠିକର ପାଠ ହୋଇପଡୁଛି। ଯାହାଫଳରେ ନାହିଁ ନ ଥିବା ଅସୁବିଧାର ଶିକାର ହେଉଛନ୍ତି ମକା ଚାଷୀ । ମକା ଚାଷୀଙ୍କୁ ହକ ଦେବା ପାଇଁ ଚାଷୀ ଆନ୍ଦୋଳନ ଧମକ ଦେଇଛନ୍ତି ଚାଷୀ ଭୀମ ହରିଜନ ଏବଂ ଚାଷୀ ନେତା ବୃନ୍ଦାବନ ତ୍ରିପାଠୀ।

# ଅର୍ବାନ ବ୍ୟାଙ୍କର ସାଧାରଣ ପରିଷଦ ବୈଠକ



ଜୟପୁର,୧୦।୧(ସମିସ): ଜୟପୁର ଅର୍ବାନ ସମବାୟ ବ୍ୟାଙ୍କର ୮୨ ତମ ସାଧାରଣ ପରିଷଦ ବୈଠକ ବ୍ୟାଙ୍କ ପରିସରରେ ଥିବା ସଭାଗୃହରେ ବ୍ୟାଙ୍କର ସଭାପତି ସୁକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ସର୍ବସମ୍ମତି କ୍ରମେ ଦୀର୍ଘ ଦିନର ବକେୟା ଋଣ ଗୁଡ଼ିକ ଏକ କାଳୀନ ବନ୍ଦୋବସ୍ତ ମାଧ୍ୟମରେ ଋଣ ସମାପ୍ତ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ବ୍ୟାଙ୍କର ନାମ ଓଡ଼ିଆରେ ଲେଖିବାକୁ ପ୍ରସ୍ତାବ ଦିଆଯାଇଥିଲା । ବ୍ୟାଙ୍କ କର୍ମଚାରୀମାନଙ୍କୁ ମୂଳ ଦରମାର ୩୫ ପ୍ରତିଶତ ବୃଦ୍ଧି କରିବା ନିମନ୍ତେ ଏବଂ ବ୍ୟାଙ୍କର ଏକ ଶାଖା ସହରରେ ଖୋଲିବା ନିମନ୍ତେ ପ୍ରସ୍ତାବ ଦିଯାଇଥିଲା। ଏହି ସଭାରେ ବ୍ୟାଙ୍କର ବିଗତ ଦିନର ପ୍ରସ୍ତାବ ଗୁଡ଼ିକୁ ବିଚାର ସହ ସଭାପତିଙ୍କ ଅଭିଭାଷଣ, ଆୟ ବ୍ୟୟର ସମୀକ୍ଷା, ଆଗାମୀ କାର୍ଯ୍ୟପନ୍ଥା, ଆଗାମୀ ବଜେଟ ସମ୍ବନ୍ଧିୟ ଆଲୋଚନା ହୋଇଥିଲା। ଏହି ସଭାରେ ସମ୍ପାଦିକା ବି. ବିଜୟା, ନିର୍ଦ୍ଦେଶକ ଦେବେନ୍ଦ୍ର ବାହିନୀପତି, ସୁବାଷ ସାହୁ, ଲକ୍ଷ୍ମଣ ରାଓ, ଦେବରାଜ ଚୌଧୁରୀ,ଆର ପଦ୍ମା, ସୁନିଲ ପଟ୍ଟନାୟକ ପ୍ରମୁଖଙ୍କ ସହ ଅନ୍ୟ ନିର୍ଦ୍ଦେଶକ ଏବଂ ସଦସ୍ୟ ଅମରଲାଲ ଆହୁଜା, ଲଳିତ ଅଗ୍ରୱାଲ, ବୃନ୍ଦାବନ ମହାନ୍ତି, ଲକ୍ଷ୍ମୀ ନାରାୟଣ ପାତ୍ର ସୁଶାନ୍ତ ପଟ୍ଟନାୟକ, ଅନି ପଟ୍ଟନାୟକ, ଏବଂ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର

ନନ୍ଦପୁର, ୧୦।୧(ସମିସ): ଶନିବାର ନନ୍ଦପୁର ଥାନା ଅଧୀନସ୍ଥ ଘାଗଡାପଣ୍ଡି ଗ୍ରାମରେ ଜଣେ ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ୨୦ ବର୍ଷୀୟ ଜଗତ କିର୍ଷାନି । ଏ ନେଇ ତାଙ୍କ ବଡ ଭାଇ ଗୋପୀ କିର୍ଷାନି ନନ୍ଦପୁର ଥାନାରେ ଏକ ଲିଖିତ ଏତଲା ଦାଏର କରିଛନ୍ତି। ଏତଲା ପ୍ରକାରେ ଜଗତ ଗତ କିଛି ସମୟରୁ ମାନସିକ ରୋଗାକ୍ରାନ୍ତ ହୋଇ ସମୟ ସମୟରେ ଘରୁ ବାହାରେ କିଛି ସମୟ ବିତାଇ ଫେରି ଆସନ୍ତି। ସେ ଚଳିତ ମାସ ୩ ତାରିଖ ଦିନ ସେହିପରି ଘରୁ ବାହାରି ପୁଣି ଘରକୁ ଫେରି ନଥିଲେ। ଆଜି ଏକ ଗଛରେ ଜଗତଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ଖବର ପାଇ ନନ୍ଦପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ନନ୍ଦପୁର ଥାନା ଅଧି କାରୀ ମମତା କୁମାରୀ ପଣ୍ଡା ସୂଚନା ଦେଇଛନ୍ତି।

# ଖାତିଗୁଡ଼ା ବଜାର ମଝିରୁ ତାଲା ଭାଙ୍ଗି ଚୋରି

ତେନ୍ତୁଳିଖୁଣ୍ଟି,୧୦।୧(ସମିସ) ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଥାନା ଅଞ୍ଚଳରେ ଚୋରି ବୃଦ୍ଧି ପାଉଛି । ଶୁକ୍ରବାର ରାତିରେ ଖାତିଗୁଡା ବଜାର ମଝି ପ୍ରକଳ୍ପ ପ୍ରଶାସନିକ ଭବନ ସମ୍ମୁଖରେ ରହୁଥିବା ଜି. ଦିନେଶ କୁମାରଙ୍କ ଘର ତାଲା ଭାଙ୍ଗି ଚୋରି ହୋଇଛି। ଦିନେଶ ତିନିଦିନ ଧରି ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଘର ତାଲା ଭାଙ୍ଗିଥିଲେ । ଏହାପରେ ଘରେ ପ୍ରବେଶ କରି ଆଲମିରାକୁ ତାଡି ଭାଙ୍ଗି ଭିତରେ ଥିବା ପ୍ରାୟ ୨ ଲକ୍ଷ ଟଙ୍କା, ଦୁଇଟି ସୁନା ଚେନ, ଗୋଟିଏ କାନ ଫୁଲ, ଦୁଇ ହଳ ରୁପା ପାଉଁଜି, ଗୋଟିଏ ରୁପା ଡାଳ ଆଦି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗ ପରେ ଖାତିଗୁଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରୁଛନ୍ତି ।

## ପୁଲିସ ହାତ ଖାଲି

ଲଗାତର କିଛି ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ଚୋରି ହେଉଥିବା ବେଳେ କୌଣସି ଗୋଟିଏ ମଧ୍ୟ ଚୋରି ମାମଲା ରେ ପୋଲିସକୁ ସଫଳତା ମିଳି ପାରୁନଥିବା ଅଭିଯୋଗ ହେଉଛି । ପ୍ରାତଃ ଭ୍ରମଣ ରେ ଯାଉଥିବା ଇନ୍ଦ୍ରାବତୀ ପ୍ରକଳ୍ପ ମହା ବିଦ୍ୟାଳୟ ଅଧକ୍ଷ ଡ଼ଃ ରଞ୍ଜନ କୁମାର ସ୍ୱାଇଁଙ୍କ ବେକରୁ ଲୁଟ ସୁନାଚେନ୍‌ର ଟେର ମିଳୁନାହିଁ। ଶୁଭେନ୍ଦୁ ସାହୁ , ନେତ୍ରାନନ୍ଦ ଖୋସଲା , ବନ୍ଦିତା ମହାରଣାଙ୍କ ଘରୁ ଚୋରୀ ସାମଗ୍ରୀ ର ସନ୍ଧାନ ମିଳିପାରିନି। ସେହିପରି ୪ଟି ବାଇକ୍ ଚୋରିର ସନ୍ଧାନ ପୁଲିସ ପାଇଁ ଅପହଞ୍ଚ ହୋଇଛି। କେତେବେଳେ ଚୋର ଦିନ ଦିପହରେ ଘରେ ପଶି ଫଳ ମୂଳ ଖାଇ ଘରେ ପଶି ଚୋରି କରୁଛନ୍ତି ତ କେତେବେଳେ ରାତି ସମୟରେ ତାଲା ଭାଙ୍ଗି ଚୋରି କରୁଛନ୍ତି । ଲଗାତାର ଚୋରି ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରୁଥିବା ବେଳେ ଚୋରଙ୍କୁ କାବୁ କରି ପୁଲିସ ଲୋକଙ୍କ ବିଶ୍ୱାସଭାଜନ ହେବାର ଆବଶ୍ୟକତା ଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ବର୍ଷକ ମଧ୍ୟରେ ଲଗାତର ଚୋରିରେ ସଂପୃକ୍ତ ବ୍ୟକ୍ତିଙ୍କୁ ପୁଲିସ ଧରିବାରେ ବିଫଳ ହୋଇଛି ଯାହା ଫଳରେ ସାଧାରଣ ଜନତା ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି।

# ଡ୍ରାଇଭରଙ୍କୁ ସହାୟତା

ପଟ୍ଟାଙ୍ଗି,୧୦।୧(ସମିସ): କୋରାପୁଟ ଜିଲ୍ଲା ଓଡ଼ିଶା ଡ୍ରାଇଭର ମହାସଂଘ, ପଟ୍ଟାଙ୍ଗି ବ୍ଲକର ସଦସ୍ୟ ମଦନ ନାୟକଙ୍କୁ ଆର୍ଥିକ ସହାୟତା ପ୍ରଦାନ କଲେ ଓଡ଼ିଶା ଡ୍ରାଇଭର ମହାସଂଘର ପଟ୍ଟାଙ୍ଗିର ସଦସ୍ୟ ଗଣ। ସୂଚନା ଅନୁଯାୟୀ ଓଡ଼ିଶା ଡ୍ରାଇଭର ମହାସଂଘର ପଟ୍ଟାଙ୍ଗି ବ୍ଲକ ର ସଦସ୍ୟ ମଦନ ନାୟକ କିଛି ଦିନ ପୂର୍ବେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ଆଜି ଓଡ଼ିଶା ଡ୍ରାଇଭର ମହାସଂଘର ପଟ୍ଟାଙ୍ଗି ବ୍ଲକର ସଦସ୍ୟ ବୃନ୍ଦ ତଥା ଉପ ସଭାପତି ଏସ୍ ରାଜୁ, ଜିଲ୍ଲା ସଂଗଠନ ସମ୍ପାଦକ ଆର ସନ୍ତୋଷ କୁମାର, ସମ୍ପାଦକ କିଶୋର କୁମାର ବେହେରା, କୋଷାଧ୍ୟକ୍ଷ ଚିରାଞ୍ଜୁ ଗେମେଲ ଏବଂ ସଦସ୍ୟ ଗଣ ଜେଟି ଦୁର୍ଗା, ବୁଟୁ ହନ୍ତାଳ, ଘାସି ଗୋଲୋରି, ନାରାୟଣ ହନ୍ତାଳ ଏବଂ ଅନ୍ୟ ସଦସ୍ୟ ଗଣ ତାଙ୍କ ବାସଭବନକୁ ଗସ୍ତ କରି ୨୭୨୦୦ ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି।

# ରାଜ୍ୟ କିଷାନ କଂଗ୍ରେସ ସଭାପତିଙ୍କ ଧାନମଣ୍ଡି ପରିଦର୍ଶନ



ନବରଙ୍ଗପୁର/ନନ୍ଦାହାଣ୍ଡି,୧୦।୧(ସମିସ): ଆଜି ରାଜ୍ୟ କଂଗ୍ରେସ କିଷାନ ସଭାପତି ଅଭୟ କୁମାର ସାହୁ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ସରୁଗୁଡା ଧାନମଣ୍ଡି ଓ ସିନ୍ଧିଗୁଡା ଧାନମଣ୍ଡି ପରିଦର୍ଶନ କରିଛନ୍ତି। ବର୍ତ୍ତମାନ ଜିଲ୍ଲାର ସମସ୍ତ ମଣ୍ଡିରେ ଏକ ପ୍ରକାର ଅଚଳାବସ୍ଥା ଲାଗିରହିଛି। ଗୋଟିଏ ପଟେ ଭାଗ ଚାଷୀଙ୍କ ଟୋକନ ଅଦ୍ୟାବଧି ଆସିନଥିବା ଯୋଗୁଁ ଚାଷୀକୁଳ ଏକ ପ୍ରକାର ଚିନ୍ତାରେ ଅଛନ୍ତି। ଏମିତି ସ୍ଥିତିରେ ସଠିକ ସମୟରେ ଚାଷୀଙ୍କ ଧାନ ମଣ୍ଡିରୁ ଉଠିପାରୁନି। ଯାହାକୁ ନେଇ ଚାଷୀ ମହଲରେ ଅଶାନ୍ତର ବାତାବରଣ ସୃଷ୍ଟି ହେବାରେ ଲାଗିଛି। ସଭାପତି ଶ୍ରୀ ସାହୁ ସମସ୍ତ ବିଷୟରେ ଚଷୀଙ୍କ ସହ ଆଲୋଚନା କରିବା ସହ ବିନା କଟ୍‌ନୀଛଟ୍‌ନୀରେ ଚାଷୀଙ୍କ ଧାନ ଯେମିତି ଉଠିବ ସେନେଇ ମଣ୍ଡି କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟ କିଷାନ ସଭାପତି ଶ୍ରୀ ସାହୁଙ୍କ ମଣ୍ଡି ପରିଦର୍ଶନ ସମୟରେ ନବରଙ୍ଗପୁର ଜିଲ୍ଲା କିଷାନ କଂଗ୍ରେସ ସଭାପତି ସନରାଜ ଗଣ୍ଡ, ରାଜ୍ୟ ଉପସଭାପତି ବୃନ୍ଦାବନ ତ୍ରିପାଠୀ, ଅଖିଳ ଭତରା, ଦିଲୀପ ବେହେରା, ଶିବରାମ ରାଜୁ, ଝରିଗାଁ ସଭାପତି ଡମ୍ବୁ ଦାସ ପନକା,ଉ ମରକୋଟ ସଭାପତି କୃଷ୍ଣ ମାଝୀ, ପାପଡାହାଣ୍ଡି ସଭାପତି ଆଜିଜ ବାବୁ, ବସନ୍ତ ବିଷୋୟୀ, ଗଗନ ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବାଜାବାଲାଙ୍କୁ ମାଡ଼, ଥାନାରେ ଏତଲା

ନନ୍ଦପୁର,୧୦।୧ (ସମିସ): ବିବାହ ଉତ୍ସବରେ ବାଜାବାଲାଙ୍କ ସହ ଗଣ୍ଡଗୋଳ ନେଇ ବ୍ୟାଣ୍ଡ ପାର୍ଟି ସଦସ୍ୟ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ପ୍ରକାରେ ନନ୍ଦପୁର ଥାନା ଅଧୀନସ୍ଥ ଖେମୁଣ୍ଡୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ମାଳି ବୁରୁଡ଼ା ଗ୍ରାମର ଏକ ବ୍ୟାଣ୍ଡ ପାର୍ଟି ନିମନ୍ତ୍ରଣ କ୍ରମେ ଗତକାଲି ଲେଞ୍ଜିଗୁଡ଼ା ଗ୍ରାମର ପ୍ରତାପ ଖରାଙ୍କ ବିବାହ ଉତ୍ସବରେ ବାଜା ବଜାଇବା ଯାଇଥିଲେ। ସେଠାରେ ଦିନ ତମାମ ବାଜା ବଜାଇ ରାତ୍ର ପ୍ରାୟ ୧୨ ଘଟିକା ସମୟରେ ବିରାମ ଦେଇଥିଲେ। ସେହି ଗ୍ରାମରେ ଲକି ଖରା, ଦେବଶଙ୍କର ହନ୍ତାଳ କିଛି ସାଙ୍ଗଙ୍କ ସହ ସଂଘବଦ୍ଧ ଭାବରେ ନିଶାସକ୍ତ ଅବସ୍ଥାରେ ଆହୁରି ବାଜା ବଜାଇବା ପାଇଁ କହିବାରୁ ପ୍ରଥମେ କଥା କଟାକଟି ପରେ ହାତାହାତି ହୋଇଥିଲା। ଏଥିରେ ଅନ୍ୟମାନଙ୍କ ସହ ଜଣେ ବାଜାବାଲା ଚନ୍ଦନ ହିଆଲ୍‌ଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଅଭିଯୋଗ ହୋଇଛି। ବ୍ୟାଣ୍ଡ ପାର୍ଟି ବ୍ୟବହାର କରୁଥିବା ବାଜା ସରଞ୍ଜାମ ଗୁଡ଼ିକର ମଧ କ୍ଷତି ହୋଇଥିବା ଜଣାପଡ଼ିଛି ।।

# ପିଏମ୍‌ଶ୍ରୀ ଉତ୍ସବ ପାଳନ

ନାରାୟଣପାଟଣା,୧୦।୧(ସମିସ): ନାରାୟଣପାଟଣା ବ୍ଲକ ସଦରରେ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପିଏମ୍ ଶ୍ରୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ବିଡିଓ ବିକ୍ରମ କୁମାର ଦୋରା, ମୁଖ୍ୟବକ୍ତା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଇଶ୍ୱର ମୁଦୁଲି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପାଢ଼ୀ , ସାଂସଦ ପ୍ରତିନିଧି ସପନ ସରିତ ତୁରୁକ, ସମାଜସେବୀ ରମେଶ ଚନ୍ଦ୍ର ଦାସ, ବିଜେପି ମଣ୍ଡଳ ସଭାପତି କାଶୀନାଥ ହିକକା,ବ୍ଲକ କଂଗ୍ରେସ ସଭାପତି ବିଭିଷଣ ମହାନନ୍ଦିଆ, ବରିଷ୍ଠ ଶିକ୍ଷାବିତ ନାଗେଶ୍ୱର ପଟନାୟକ, ତ୍ରିନାଥ ତ୍ରିପାଠୀ, ସିଆର୍‌ସିସି ବଙ୍କିମ ପୃଷ୍ଟି , ଏନ୍ ନାଗମଣି, ଜାମି ଜାମି ଦେବୀ ପୁଷ୍ପା , ପ୍ରାଥମିକ ଶିକ୍ଷକ ସଂଘର ଉପସଭାପତି ଦିଲିପ ବିଡିକା, ମଙ୍ଗଳ ମଣି ତୁରୁକ, ଏସ୍‌ଏମ୍‌ସି ଚେୟାରମେନ ସତ୍ୟ ମହାଲ୍ଙ୍କୁଡ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ପର୍ଶୁରାମ ତାଡିଙ୍ଗି ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ପ୍ରିୟଙ୍କା ପାଢୀ , ଅମିର ମାଣ୍ଡିଙ୍ଗି ,ଶୁଶାନ୍ତ କୁମାର ସାହୁ, ପ୍ରେମ୍ କାନ୍ତ ରାଉତ, ପଦ୍ମାବତୀ ଭୂୟାଁ, ଶିକ୍ଷୟତ୍ରୀ ଜି ଜୋତି କୁମାରୀ, ଚିନ୍ମଇ କର ଙ୍କ ସମେତ ସ୍କୁଲର ସମସ୍ତ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଜୟପୁର,୧୦ ।୧(ସମିସ): ଜୟପୁର ଅରବିନ୍ଦ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଶନିବାର ସଂଧ୍ୟାରେ ବିଦ୍ୟାଳୟ ପରିସରର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କୋଟପାଡ ବିଧାୟକ ରୂପୁ ଭତ୍ରା ଯୋଗଦେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦେଶର ଏକ ସର୍ବୋତ୍ତୋମ ଶିକ୍ଷାନୁଷ୍ଠାନ ଏବଂ ଏଠାରେ ଭାରତୀୟ ଓ ଆଞ୍ଚଳିକ ସଂସ୍କୃତିକୁ ବଞ୍ଚାଇ ରଖିବାର ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ବୋଲି କହିଥିଲେ। ମୁଖ୍ୟ ବକ୍ତ ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ କୁଟୁମ୍ବ ପ୍ରବୋଧନର ପ୍ରମୁଖ ଡ.ବିପିନି ବିହାରୀ ମିଶ୍ର ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଏବଂ ପାଠ୍ୟକ୍ରମରେ ଶ୍ରେଷ୍ଠ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିଚାଳନା କମିଟିର ସଭାପତି ପ୍ରେମାନନ୍ଦ ନାୟକଙ୍କ ଅଧକ୍ଷତାରେ କରିଥିବା ବେଳେ ସମ୍ପାଦକ ସତ୍ୟବାଦି ମିଶ୍ର ପରିଚୟ ପ୍ରଦାନ ଏବଂ ପ୍ରଧାନ ଆଚାର୍ଯ୍ୟ ଡ. ରମଣୀ ରଞ୍ଜନ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ

# ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଜୟପୁର,୧୦ ।୧(ସମିସ): ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ୮୦୦, ୧୫୦୦, ୪ ଜଣିଆ ୨୦୦ ମିଟର ଦୌଡକୁଦ ପ୍ରତିଯୋଗିତା ସମେତ ପୁରୁସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଜିର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳ ସଚିବ ମହେଶ୍ୱର ଚନ୍ଦ୍ର ନାୟକ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କନିଷ୍ଠ ବିଭାଗରେ ଜେମା ସାନ୍ତା ଚାମ୍ପିଅନ ହୋଇଥିବା ବେଳେ ବରିଷ୍ଠ ବିଭାଗରେ ସୁମନ ମୁଦୁଲି ଚାମ୍ପିଅନ୍ ହୋଇଥିଲେ। ଏହି ଅବସରରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପି.ଜି କାଉନସିଲର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ. ଲକ୍ଷ୍ମଣ ପାତ୍ର, ଆୟୋଜକ ସମ୍ପାଦକ ସଚ୍ଚିନ କୁମାର ନାୟକ, ଉପ ସଭାପତି ଡ.ରୁଷଭ କୁମାର ସାହୁ, ସହକାରୀ ଉପସଭାପତି ସନ୍ତୋଷିନୀ ମୁଣ୍ଡା, ଖେଳ ଶିକ୍ଷକ ଭାଗବତ ପ୍ରସାଦ ସିଓ ପ୍ରମୁଖଙ୍କ ସହ ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ମାନେ ଖେଳ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗୀତାରେ ଉପଖଣ୍ଡ କ୍ରୀଡା ସଂଘ ପକ୍ଷରୁ ଶ୍ରୀକାନ୍ତ ଚୌଧୁରୀ, ରବି ନାୟକ, ଜି. ସତ୍ୟନାରାୟଣ, ଶ୍ରୀନୁ ସେଠୀ, ମମତା ପରିଜା ପ୍ରମୁଖ କ୍ରୀଡା ପରିଚାଳନାରେ ସହାୟତା କରିଥିଲେ ।

# କଂଗ୍ରେସର ମନରେଗା ବଞ୍ଚାଅ ଅଭିଯାନ

ମାଲକାନଗିରି,୧୦ ।୧(ସମିସ): ମାଲକାନଗିରି ଜିଲ୍ଲା କଂଗ୍ରେସ ଦଳର ପର୍ଯ୍ୟବେକ୍ଷକ ମନୋରଞ୍ଜନ ତ୍ରିପାଠୀ ଆଜି ଜିଲ୍ଲା କଂଗ୍ରେସ ଭବନ ଠାରେ ଏମଜିଏନଆରଇଜିଏ ବଞ୍ଚାଅ କାର୍ଯ୍ୟକ୍ରମକୁ ନେଇ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ସେ କହିଛନ୍ତି ଯେଉଁ ଦେଶ ମହାତ୍ମା ଗାନ୍ଧିଙ୍କ ଜୟନ୍ତୀକୁ ଅହିଂସା ଦିବସ ପାଳନ କରେ, ସେହି ଦେଶର ସରକାର ମହାତ୍ମା ଗାନ୍ଧି ନିଶ୍ଚିତ ରୋଜଗାର ଯୋଜନା (ମନେରଗା) ର ନାମ ବଦଳାଇ ଜି ରାମଜୀ ଯୋଜନାରେ ନାମିତ କରାଯିବାକୁ କଂଗ୍ରେସ ଦଳ ଘୋର ନିନ୍ଦା କରୁଛି। ଡବଲ ଇଞ୍ଜିନ ସରକାର ସାଧାରଣ ଜନତାଙ୍କୁ ଲୁଟୁଛନ୍ତି। ଘରେ ଘରେ ସ୍ମାର୍ଟ ମିଟର ଲଗାଇ ଗ୍ରାହକଙ୍କୁ ଶୋଷଣ କରାଯାଉଛ। ଯାନବାହାନ ଯାଞ୍ଚ ନାମରେ ଗାଡ଼ି ଚାଳକ ଓ ମାଲିକ ମାନଙ୍କୁ ଲୁଟୁଛନ୍ତି। ଧାନ ମଣ୍ଡି ଗୁଡିକରେ ଚାଷୀ ଙ୍କ ସମସ୍ୟା ପ୍ରତିଗୁରୁତ୍ୱ ଦିଆଯାଉନାହିଁ । ଏହାର ସମସ୍ୟା ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ କଂଗ୍ରେସ ଦଳ ରାଜ ରାସ୍ତା କୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଜି. ଶ୍ରୀନିବାସ ରାଓ, କଂଗ୍ରେସ ନେତା ମାଳା ମାଢି, ପଦ୍ମ ପାଙ୍ଗି, ଇର୍ମା ପଡିଆମୀ,ଭୀମା ବାର୍ଷେ, ପ୍ରଭାକର ପାଳ, ସରୋଜ କୁମାର ପାତ୍ର, ପି. କେଶୁ ରାଓ,ପ୍ରମୁଖ କଂଗ୍ରେସ ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ।

## ଚାଷୀଙ୍କ ଉପରେ ପ୍ରଶାସନ ଅତ୍ୟାଚାର କରୁଛି : ପ୍ରଦୀପ ମାଝୀ

# ୧୩ରେ ବିଜେଡିର ୧୨ ଘଣ୍ଟିଆ ଚକଅଖ ବନ୍ଦ ଆନ୍ଦୋଳନ : ମନୋହର ରନ୍ଧାରୀ



ନବରଙ୍ଗପୁର,୧୦।୧ (ସମିସ): ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ନବରଙ୍ଗପୁର ହୋଟେଲ ଗ୍ଲେଜ୍ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ବିଜେଡ଼ି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ନବରଙ୍ଗପୁର ଜିଲ୍ଲାରେ ଚାଲିଥିବା ମଣ୍ଡି ଅବ୍ୟବସ୍ଥା ଏବଂ ସରକାରଙ୍କ ଚାଷୀ ମାରଣା ନୀତି ଉପରେ ବର୍ଷିଛନ୍ତି ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେଡ଼ି ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମାଝୀ ଏବଂ ଜିଲ୍ଲା ବିଜେଡ଼ି ସଭାପତି ତଥା ବିଧାୟକ ମନୋହର ରନ୍ଧାରୀ। ସେ କହିଛନ୍ତି ଯେ ଜିଲ୍ଲାର ନିରୀହ ଗରିବ ଚାଷୀଙ୍କ ଉପରେ ସରକାର ଏବଂ ପ୍ରଶାସନ ବହୁ ଅତ୍ୟାଚାର କରୁଛନ୍ତି । ନବରଙ୍ଗପୁର ଜିଲ୍ଲାର ଚାଷୀଙ୍କ ଧାନ ମଣ୍ଡି ନିୟମ ଚାଷୀଙ୍କର ନୁହେଁ ବରଂ ସରକାର , ପ୍ରଶାସନ ଏବଂ ମିଲରଙ୍କ ପାଇଁ ସୁହାଇଲା ଭଳି କରାଯାଉଛି। ଚଳିତ ବର୍ଷର ଭୀଷଣ ଥଣ୍ଡା ସତ୍ତ୍ୱେ ଘରୁ ରନ୍ଧା ଖାଦ୍ୟ ଧରି ଚାଷୀ ଆସି କୂଳ ମଣ୍ଡିରେ ଧାନ ଜଗି ଦିନ ରାତି କାଟୁଛି। ତଥାପି ଚାଷୀ ଙ୍କ ଧାନ ଉଠୁନି । ନବରଙ୍ଗପୁର ଜିଲ୍ଲାରେ ଅଖାବସ୍ତାରେ ଧାନ ଆଣିବା ପାଇଁ ଚାଷୀଙ୍କୁ ବାଧ୍ୟ କରାଯାଇଛି । ଏଥି ସହିତ ଚଳିତ ବର୍ଷ ଚାଷୀ ମଣ୍ଡି ଅବ୍ୟବସ୍ଥାରେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଜେଡି ସରକାର ସମୟରେ ବହୁ ଖୁସିର ସହକାରେ ଚାଷୀ ମଣ୍ଡିକୁ ଆସି ଧାନ ବିକ୍ରୟ କରି ଯାଉଥିଲେ । ବର୍ତ୍ତମାନ ଚଳିତ ସରକାରଙ୍କ ମଣ୍ଡି ଅବ୍ୟବସ୍ଥା ଏକ ଶୀର୍ଷ ସ୍ଥାନକୁ ପହଞ୍ଚିଛି। ବିଜେଡି ସବୁବେଳେ ଚାଷୀଙ୍କ ସହିତ ରହିଥିଲା ଏବଂ ଆଗାମୀ ଦିନରେ ମଧ ଚାଷୀଙ୍କ ଦୁଃଖଦ ସମୟରେ ସର୍ବଦା ରହିବ। ଜରି ବସ୍ତାରେ ଧାନ ଏଣ୍ଟ୍ରି , ପ୍ରତ୍ୟେକ ଦିନ ସକାଳ ୯ଟା ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଚାଷୀଙ୍କ ଧାନ ମଣ୍ଡିରେ ଏଣ୍ଟ୍ରି , ଟୋକନ କିଭଳି ଚାଷୀ ଶୀଘ୍ର ପାଇବେ ତାର ବ୍ୟବସ୍ଥା , କଟ୍‌ନୀଛଟ୍‌ନୀ ସମ୍ପୂର୍ଣ୍ଣ ବନ୍ଦ ଭଳି ବିଭିନ୍ନ ଦାବି ନେଇ ଚଳିତ ମାସ ୧୩ ତାରିଖରେ ଜିଲ୍ଲା ବିଜେଡ଼ି ପକ୍ଷରୁ ଜିଲ୍ଲାର ୭ ଗୋଟି ବ୍ଲକ୍‌ରେ ୧୨ ଘଣ୍ଟିଆ ଚକ ଅଖ ବନ୍ଦ ଆନ୍ଦୋଳନ କରାଯିବ। ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ରନ୍ଧାରୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଜିଲ୍ଲା ପରିଷଦ ସଦସ୍ୟ ଅରୁଣ କୁମାର ମିଶ୍ର, ଜିଲ୍ଲା ବିଜେଡ଼ି ସଭାନେତ୍ରୀ ମଞ୍ଜୁଳା ମାଝୀ , ନବରଙ୍ଗପୁର ନଗର ବିଜେଡି ସଭାପତି ପ୍ରମୋଦ କୁମାର ରଥ ,ସରୋଜ କୁମାର ପାତ୍ର,ପୂର୍ବତନ କାଉନସିଲର ଭୀମ ହରିଜନ,ଉତ୍ତମ ତ୍ରିପାଠୀ, ସୁଧୀର ମହାପାତ୍ର , ନନ୍ଦ ନାୟକ, ପିଣ୍ଟୁ ଲେଙ୍କା , ସଞ୍ଜୟ ନାୟକ, କୁନା ପାଢ଼ି ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

(ରଘୁନାଥ ପୁର, ମେଇନ ରୋଡ଼, ଜାତୀୟ ରାଜପଥ ୧୬ ନମ୍ବର, ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)
କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ। ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ। ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ। ଏହା ଆଶା। ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା।

ଶୋକ ସନ୍ତପ୍ତ: ସାହୁ ପରିବାର
ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଳା, ଜ୍ୱାଇଁ: ଯୁଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଟିଙ୍କୁ, ବନି, ଶନି, ସନତ,ଚିଣ୍ଟୁ, ଓମ୍, ପ୍ରେମ, ଅସ୍ମିତ, ଅନସୁ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ।

# ଡବଲ୍ ଇଞ୍ଜିନ ସରକାରଙ୍କୁ ସମାଲୋଚନା




ରାୟଗଡ଼ା,୧୦।୧(ସମିସ): ମନେରଗା ନାମ ପରିବର୍ତ୍ତନ, ଟାଟା ପାୱାରର ଜନବିରୋଧୀ କାର୍ଯ୍ୟକଳାପ, ସରକାରଙ୍କ ଦ୍ୱାରା ମଣ୍ଡି ପରିଚାଳନାରେ ଅବ୍ୟବସ୍ଥା ବିରୋଧରେ ପ୍ରତିବାଦ କରି ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଆଜି ରାୟଗଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କଂଗ୍ରେସ ଭବନରେ ଡିସିସି ସଭାପତି ତଥା ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବିରୋଧୀ ଦଳ ନେତା ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ରାମଚନ୍ଦ୍ର କାଡାମ ଯୋଗ ଦେଇ ବିଜେପି ସରକାରଙ୍କ ଦ୍ୱାରା ମନରେଗା ଯୋଜନାର ନାମ ପରିବର୍ତ୍ତନ କରିବା ଉଦ୍ୟମକୁ ତୀବ୍ର ବିରୋଧ କରିଛନ୍ତି। ମନରେଗା ଏକ ନିୟମ ଥିଲା ,ବିଜେପି ସରକାର ତାହାକୁ କାର୍ଯ୍ୟକ୍ରମରେ ପରିଣତ କରିବାକୁ ଚେଷ୍ଟା କରିଛନ୍ତି। ତେଣୁ ଏହାର ପ୍ରତିବାଦ କରି କଂଗ୍ରେସ ଆହ୍ୱାନ କ୍ରମେ ମନରେଗା ବଂଚାଓ ସଂଗ୍ରାମ କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିବା ନେଇ ଶ୍ରୀ କାଡାମ ପ୍ରକାଶ କରିଛନ୍ତି। ଜାନୁଆରୀ ୧୧ ତାରିଖ ଦିନ ଉପବାସ ପ୍ରତୀକ ଧାରଣା ପ୍ରତି ଜିଲ୍ଲା ସଦର ମହକୁମା ସ୍ତରରେ ପାଳନ କରାଯିବାକୁ ଥିବା ବେଳେ ୧୨ ଜାନୁଆରୀରୁ ପ୍ରତିଟି ପଞ୍ଚାୟତ ଏବଂ ଗାଁ ସ୍ତରରେ କଂଗ୍ରେସର ଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ଏବଂ ୩୦ ଜାନୁଆରୀରେ ବ୍ଲକ୍ ସ୍ତରରେ ଧାରଣା ଏବଂ ୩୧ତାରିଖରୁ ଫେବୃଆରୀ ୬ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ। ସେହିପରି ଟାଟା ପାୱାରର ଅତ୍ୟଧିକ ବିଦ୍ୟୁତ୍ ବିଲ ଓ ଉପଭୋକ୍ତାଙ୍କ ସମସ୍ୟାକୁ ଅଣଦେଖା କରିବା ମନୋଭାବକୁ କଂଗ୍ରେସ କଠୋର ଭାବେ ନିନ୍ଦା କରୁଥିବା ନେଇ ପୂର୍ବତନ ଜିଲ୍ଲା ସଭାପତି ତଥା ବର୍ତ୍ତମାନର ପ୍ରଦେଶ କଂଗ୍ରେସ କମିଟି ସଂପାଦକ ଡ.ଦୁର୍ଗା ପ୍ରସାଦ ପଣ୍ଡା ପ୍ରକାଶ କରିଥିଲେ। ଶେଷରେ ଜିଲ୍ଲା ସଭାପତି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତ୍ରୀ ଜୟନ୍ତି ମହାନନ୍ଦିଆ, ଜିଲ୍ଲା କମିଟି ଉପସଭାପତି ଶଙ୍କର୍ଷଣ ମଙ୍ଗରାଜ, ଭୂଷଣ ବିଡିକା, ଜିତେଶ୍ୱର ରାଓଙ୍କ ସମେତ ଆସଲାମ ଖାନ, ହରିଶ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ରାୟଗଡ଼ା ଓଭରବ୍ରିଜ୍‌ରେ ଯାତାୟାତ ବନ୍ଦ

# ଦୁଇ ରାସ୍ତାରେ ଟ୍ରାଫିକ୍ ଜାମ୍,ଲୋକେ ହନ୍ତସନ୍ତ

ରାୟଗଡ଼ା,୧୦।୧(ସମିସ):



ରାୟଗଡ଼ା ସହରର ଲାଇଫ୍ ଲାଇନ୍ କୁହାଯାଉଥିବା ଓଭରବ୍ରିଜର ପୁନରୁଦ୍ଧାର, ନିର୍ମାଣ କାର୍ଯ୍ୟ ପାଇଁ ଶନିବାର ଠାରୁ କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ ଯାତାୟାତ ବନ୍ଦ କରାଯାଇଛି। ଓଭରବ୍ରିଜ ରାସ୍ତା ବନ୍ଦ ଥିବା ବେଳେ ପ୍ରଶାସନ ପକ୍ଷରୁ କପିଳାସ ଛକରୁ ରେଳବାଇ ଅଣ୍ଡରପାସ ରାସ୍ତା ଦେଇ ତହସିଲ ଛକ ଏବଂ ଶିରିଗୁଡା ଛକରୁ ସାଇ ଇଣ୍ଟରନ୍ୟାସନାଲ ଛକ ପର୍ଯ୍ୟନ୍ତ ବାଇପାସ ରାସ୍ତାକୁ ବିକଳ୍ପ ରାସ୍ତା ଭାବେ ଚୟନ କରାଯାଇ ଉକ୍ତ ରାସ୍ତା ବ୍ୟବହାର ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ବ୍ରିଜ୍ ବନ୍ଦ ହେବା ପରେ ଆଜି ଉକ୍ତ ଦୁଇ ରାସ୍ତାରେ ଲୋକେ ଯାତାୟାତ କରିଥିଲେ। ଉଭୟ ପଟରୁ ଆସୁଥିବା ଲୋକଙ୍କ ପ୍ରବଳ ଭିଡ ଯୋଗୁଁ ଦୀର୍ଘ ଘଣ୍ଟା ଧରି ରାସ୍ତାରେ ଟ୍ରାଫିକ୍ ସମସ୍ୟା ଗୁରୁତର ହୋଇଥିବା ଦେଖିବାକୁ ମିଳିଥିଲା। କପିଳାଶ ଛକରୁ ରେଳବାଇ ଅଣ୍ଡରପାସ ରାସ୍ତା ସିଧା ସଳଖ ମୁଖ୍ୟ ବଜାରକୁ ଏବଂ ବସଷ୍ଟାଣ୍ଡକୁ ସଂଯୋଗ ହେଉଥିବା ଯୋଗୁଁ ସହରବାସୀ ଏହାକୁ ବହୁଳ ଭାବେ ବ୍ୟବହାର କରିଥିବାରୁ ଏହି ସଂକୀର୍ଣ୍ଣ ରାସ୍ତାରେ ଟ୍ରାଫିକ୍ ସମସ୍ୟା ଜଟିଳ ହୋଇପଡିଥିଲା। ଅଣ୍ଡରପାସ ରାସ୍ତାରେ ସ୍ଥାନୀୟ ପୁଲିସ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୁଲିସ ମୁତୟନ ହୋଇଥିଲେ ମଧ୍ୟ ବହୁ ସଂଖ୍ୟାରେ ଦୁଇ ଚକିଆ ଗାଡି, ତିନି ଚକିଆ ଠେଲା ଗାଡି ଆଦି ଯାତାୟାତ ଯୋଗୁଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅଣ୍ଡରପାସ ରାସ୍ତାରେ ଥିବା ହନୁମାନ ମନ୍ଦିରଠାରୁ ଅଣ୍ଡରପାସ ଯାଏଁ ଶତାଧିକ ଲୋକଙ୍କ ଗହଳି ହୋଇଥିଲା। ସେହିପରି ରାୟଗଡ଼ା ସହର ମଧ୍ୟକୁ ଆଉ ପ୍ରବେଶ ନ କରି କୋରାପୁଟ ଓ ଆନ୍ଧ୍ର ଅଭିମୁଖେ ଯାଉଥିବା ଗାଡି ଏବଂ ବିପରୀତ ଦିଗରୁ ଜେକେପୁର, ଗୁଣପୁର, ମୁନିଗୁଡା ପଟକୁ ଯାଉଥିବା ଅନେକ ମାଲବାହୀ ଗାଡି, ବସ, ଘରୋଇ କାର ଆଦି ଲମ୍ବା ଧାଡିରେ ସାଇ ଇଣ୍ଟରନ୍ୟାସନାଲ ଛକରୁ ବାଇପାସ ରାସ୍ତା ଦେଇ ଶିରିଗୁଡା ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସେହିପରି ଅପରାହ୍ନରେ ହୋଟେଲ ସାଇ ଇଣ୍ଟରନ୍ୟାସନାଲ ନିକଟରେ ଲେବଲ କ୍ରସିଂ ଠାରେ ଟ୍ରେନ ଯିବା ଆସିବା ସମୟରେ ଫାଟକ ବନ୍ଦ ଥିବା ଯୋଗୁଁ ଗାଡିଗୁଡିକ ଅଧିକ ସଂଖ୍ୟାରେ ଦୀର୍ଘ ସମୟ ଧରି ରାସ୍ତାରେ ଅଟକି ରହିଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଫସିରହିଥିବା ଦେଖିବାକୁ ମିଳିଥିଲା। ସମସ୍ତ ନାଗରିକଙ୍କୁ ଟ୍ରାଫିକ ନିୟମକୁ କଡାକଡି ପାଳନ କରିବାକୁ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ଗାଡି ଚଳାଇବାକୁ ଅନୁରୋଧ କରାଯାଇଛି। ସମସ୍ତ ଗାଡି ଚାଳକ ଅନାବଶ୍ୟକ ଓଭରଟେକିଂ ଏଡାଇବାକୁ କୁହାଯାଇଛି । ଜରୁରୀକାଳୀନ ଯାନବାହନ,ବିଶେଷ କରି ଆମ୍ବୁଲାନ୍ସ ପାଇଁ ରାସ୍ତା ଖାଲି ରଖିବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରାଯିବା ଉଚିତ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଘରେ ପଶି ମହିଳାଙ୍କ ବେକରୁ ମଙ୍ଗଳସୂତ୍ର ଝାମ୍ପିନେଲେ ଦୁର୍ବୃତ୍ତ

ରାୟଗଡ଼ା,୧୦।୧(ସମିସ): ରାୟଗଡାରେ ଆଉ ଜଣେ ମହିଳାଙ୍କ ବେକରୁ ମଙ୍ଗଳସୂତ୍ର ଲୁଟ୍ ହୋଇଛି। ଘରେ କେହି ନଥିବାର ସୁଯୋଗ ନେଇ ଘରେ ପଶି ଜଣେ ମହିଳାଙ୍କୁ ମାଡ ମାରିବା ଏବଂ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ମହିଳା ଜଣଙ୍କ ପିନ୍ଧିଥିବା ମଙ୍ଗଳ ସୂତ୍ରକୁ ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଏପରି ଘଟଣା ଦେଖିବାକୁ



ମିଳିଛି ରାୟଗଡା ସହରର ରେଲୱେ ବିଭାଗର ଇଞ୍ଜିନିୟରିଂ କଲୋନୀରେ। ଏହି କଲୋନୀରେ ରେଳ ବିଭାଗ, ଇଲେକ୍ଟ୍ରି ବିଭାଗରେ ଟେକ୍ନିସିଆନ୍ ଭାବେ କାମ କରୁଥିବା ଆର ନାଗମଣିଙ୍କ ଘରେ ଆଜି ସକାଳ ୬ଟା ସମୟରେ ମହିଳା ଜଣଙ୍କ ଶୌଚ ନିମନ୍ତେ ଘର ବାହାରେ ଥିବା ବାଥରୁମକୁ ଯିବା ସମୟରେ ସେଠାରେ ଲୁଚିରହି ଥିବା ଦୁଇ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିବା ସହ ସେ ପିନ୍ଧିଥିବା ପାଖାପାଖି ୨ଭରି ଓଜନ ସୁନାର ମଙ୍ଗଳ ସୂତ୍ରକୁ ଝାମ୍ପି ନେଇଥିଲେ। ମହିଳା ଜଣଙ୍କ ପାଟି କରିବାରୁ ପଡୋଶି ମାନେ ଆସି ତାଙ୍କୁ ଉଦ୍ଧାର କରିବା ପରେ ତାଙ୍କୁ ସ୍ଥାନୀୟ ରେଳବିଭାଗ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ଘଟଣା ସମ୍ପର୍କରେ ରାୟଗଡା ଟାଉନ ଥାନା ଏବଂ ରେଳବାଇ ପୁଲିସରେ ଲିଖିତ ଅଭିଯୋଗ ପରେ ଘଟଣାସ୍ଥଳରେ ପହଞ୍ଚି ମିଳିତ ଭାବରେ ଛାନଭିନ ଆରମ୍ଭ ହୋଇଛି। ସ୍ଥାନୀୟ କଲୋନୀ ବାସିନ୍ଦା ପି ରଜନୀକାନ୍ତ ଡାଲିମ୍ବ ମୁଦୀ ଅଭିଯୋଗ କରି କହିଛନ୍ତି, ଏଭଳି ଘଟଣା କେବଳ ଆଜି ନୁହେଁ, ବାରମ୍ବାର ଘଟୁଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉହେଉନାହିଁ। ଏ ନେଇ ରାୟଗଡା ପୁଲିସ ତଦନ୍ତ କରୁଥିବା ରାୟଗଡ଼ା ଆଇଆଇସି ପ୍ରସନ୍ନ କୁମାର ବେହେରା ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦା ଏ ନେଇ ରାୟଗଡା ଡିଭିଜନ ଡିଆରଏମ ଅଭିତାଭ ସିଂଘଲଙ୍କୁ ମଧ୍ୟ ଆଜି ଅବଗତ କରିଥିଲେ।

● ଭାଇକୁ ଟାଙ୍ଗିଆରେ ହାଣି ହତ୍ୟା ମାମଲା

# ଅଭିଯୁକ୍ତକୁ କୋର୍ଟ ଚାଲାଣ କଲା ପୁଲିସ



ଅମ୍ବାଦଳା,୧୦।୧(ସମିସ): ଟାଙ୍ଗିଆରେ ହାଣି ସମ୍ପର୍କୀୟ ଭାଇକୁ ହତ୍ୟା ଘଟଣାରେ ଅଭିଯୁକ୍ତ ବିସମ୍ବର କଟିମକୁ ଆଜି ଆମ୍ବଦଳା ପୁଲିସ କୋର୍ଟ ଚାଲାଣ କରିଛି । ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅଧୀନସ୍ଥ ଇଚ୍ଛାପୁର ପଞ୍ଚାୟତ ବଡନାଗଝୋରି ଗାଁରେ ଘଟିଥିଲା ଏଭଳି ନିର୍ମମ ହତ୍ୟାକାଣ୍ଡ। ଶୁକ୍ରବାର ପୂର୍ବାହ୍ନ ୧୦ଟା ବେଳେ କାନ୍ଦୁଲ ବାଡ଼ିକୁ ଯିବା ସମୟରେ ସାନବାପା ପୁଅକୁ ନିର୍ମମ ଭାବେ ହତ୍ୟା କରିଥିଲା ବଡବାପା ପୁଅ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏଭଳି ହତ୍ୟାକାଣ୍ଡ ଘଟିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ବିସମ୍ବର ଓ ବଡନୁନାଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଗାଁ ଲୋକ ଘଟଣା ସ୍ଥଳରେ ପହଞ୍ଚି ଅମ୍ବାଦଳା ପୁଲିସକୁ ଖବର ଦେବା ସହ ହତ୍ୟାକାରୀକୁ ଖୋଜିଥିଲେ। ଭୟରେ ହତ୍ୟାକାରୀ ବିସମ୍ବର ନିଜ ଘରେ ଲୁଚି ରହିଥିଲା। ଅମ୍ବାଦଳା ପୁଲିସ ବିସମ୍ବରକୁ ଥାନାକୁ ଆଣିବା ସହ ମୃତଦେହ ଜବତ କରିଥିଲେ। ସାଇଣ୍ଟଫିକ୍ ଟିମ୍ ପହଞ୍ଚି ମୃତକଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ବିସମ୍ବରକୁ ଧର ସିନ ରିକ୍ରିଏସନ୍ କରି ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଥିଲେ। ଅମ୍ବାଦଳା ପୁଲିସ ଓ ଆଜି ଅଭିଯୁକ୍ତ ବିସମ୍ବରକୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ଧାନଗଦାରେ ନିଆଁ ଲାଗିଲା; ୨୦ କ୍ୱିଣ୍ଟାଲ ଧାନ ପୋଡ଼ି ପାଉଁଶ



ବିଷମ କଟକ,୧୦।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ସଦର ବ୍ଲକର ଡେପାଗୁଡା ଗ୍ରାମ ନିକଟରେ ଏକ ଧାନଗଦାରେ କୋଣସି କାରଣରୁ ନିଆଁ ଲାଗି ୨୦ କ୍ୱିଣ୍ଟାଲରୁ ଅଧିକ ଧାନ ନଷ୍ଟ ହୋଇଛି। ବିଷମ କଟକ ସହରର ଚାଷୀ ଶିବପ୍ରସାଦ ବେହେରାଙ୍କ ୧୨ ଏକର ଜମିର ୪୦୦ କ୍ୱିଣ୍ଟାଲ ଧାନ ଅମଳ କରି ଖଳାରେ ରଖାଯାଇଥିବା ବେଳେ ଆଜି ସଂଧ୍ୟାରେ କୌଣସି କାରଣରୁ ସେଥିରେ ନିଆଁ ଲାଗିଯାଇଛି। ଧାନଗଦାରେ ନିଆଁ ଲାଗିଥିବା ଦେଖି ଚାଷୀ ତୁରନ୍ତ ବିଷମକଟକ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଖବର ପାଇଁ ଅଗ୍ନିଶମ ବାହିନୀର ଟିମ ଘଟଣା ସ୍ଥଳେ ପହଞ୍ଚି ଧାନ ଗଦା ରେ ଲାଗିଥିବା ନିଆଁକୁ ଆୟତ କରିଛି। ଏହି ଅଗ୍ନିକାଣ୍ଡରେ ୨୦ କ୍ୱିଣ୍ଟାଲ ଧାନ ନଷ୍ଟ ହୋଇଥିବା ଜଣା ପଡିଛି। ଚାଷୀ ନିଜ ଧାନକୁ ମଣ୍ଡିରେ ବିକ୍ରି କରିବା ପାଇଁ ଧାନ ଗୁଡାକ ବସ୍ତା ରେ ଭର୍ତ୍ତି କରି ରଖିଥିଲେ।

# କଂଗ୍ରେସର ମନରେଗା ବଞ୍ଚାଅ ଅଭିଯାନ

କୋରାପୁଟ,୧୦।୧(ସମିସ):




ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା) ନାମ ପରିବର୍ତ୍ତନକୁ ନେଇ କଂଗ୍ରେସ ଦେଶବ୍ୟାପୀ ମନରେଗା ବଞ୍ଚାଅ ଅଭିଯାନ ଆରମ୍ଭ କରିଛି। ଏହି ମର୍ମରେ କୋରାପୁଟ ସଦର ମହକୁମା ପ୍ରେସକ୍ଲବ ଠାରେ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପିସିସି ପର୍ଯ୍ୟବେକ୍ଷକ ତଥା ଚିତ୍ରକୋଣ୍ଡା ବିଧାୟକ ମଂଗୁ ଖିଲ ଯୋଗଦେଇ ମନରେଗା ନାଁ ପରିବର୍ତ୍ତନକୁ ବିରୋଧ କରିଥିଲେ। ମନରେଗା ପୁନଃ ସ୍ଥାପିତ କରିବା ଏବଂ ନୂତନ ଆଇନ ପ୍ରତ୍ୟାହାର ଦାବି ରହିଛି ବୋଲି ବିଧାୟକ ମଙ୍ଗୁ ଖିଲ କହିଛନ୍ତି। ଆସନ୍ତା କାଲି କୋରାପୁଟ ସହରର ଆମ୍ବେଦକର ପାର୍କ ସମ୍ମୁଖରେ ଏହାକୁ ନେଇ ଉପବାସ ଆନ୍ଦୋଳନ କରାଯିବ ବୋଲି ସଭାପତି ରୂପକ ତୁରୁକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସର ଅନୁସୂଚୀତ ଜାତି ସେଲ ଅଧ୍ୟକ୍ଷ ରମେଶ ଖରା, ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ନଗର କଂଗ୍ରେସ ସଭାପତି ଜୟନ୍ତ କୋଚିନ, କୋରାପୁଟ ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ, କୋଟପାଡ଼ ବିଧାୟକ ପ୍ରାର୍ଥୀ ଅନାମ ଦିଆନ, କୋରାପୁଟ ପୌର ପରିଷଦ କାଉନସିଲର ସନ୍ଧ୍ୟାରାଣୀ ଜେନା ଓ ଚନ୍ଦ୍ରପ୍ରଭା ହିଆଲ, ପୂର୍ବତନ କାଉନ୍‌ସିଲର ବିଜୟ କୁମାର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ସଂଜୟ ପାତ୍ରଙ୍କ ସ୍ମୃତିରେ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ



ସୁନାବେଡ଼ା,୧୦।୧(ସମିସ): ସ୍ୱର୍ଗତ ସଂଜୟ ପାତ୍ରଙ୍କ ସ୍ମୃତିରେ ସୁନାବେଡ଼ା -୧ ସ୍ଥିତ ଜବାହର ଜ୍ୟୋତି ସ୍ପୋର୍ଟସ କ୍ଲବ୍ ଠାରେ ଓପନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ହୋଇଯାଇଛି। ଏହା ଜାନୁଆରୀ ୮ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ୪ଦିନ ଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ କୋରାପୁଟ ବିଧାୟକ ରଘୁରାମ ମାଛ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିନରେ ସୁନାବେଡ଼ା ଏସଡିପିଓ ସୁମିତ୍ରା ଜେନା ଓ ସୁନାବେଡ଼ା ଥାନା ଅଧିକାରୀ ସୁଷମା କହଁର ଉପସ୍ଥିତ ଥିଲେ। ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସମ୍ପାଦକ ଗଙ୍ଗାଧର ପ୍ରଧାନ, ସୁଶାନ୍ତ କୁମାର ଭଞ୍ଜ, ଅରବିନ୍ଦ ପାଢୀ, ରାକେଶ କୁମାର ଲେଙ୍କା, ପ୍ରଦୀପ ମହାରଣା, ମନୋଜ କୁମାର ମହାନ୍ତି, ଏ ହରିପ୍ରସାଦ ,ସୁବ୍ରତ ଗୌଡ଼, ସଞ୍ଜୟ ନାୟକ, ସୁଭାଷ ଗନ୍ତାୟତ, ରମେଶ ପ୍ରଧାନ, ସୀତାରାମ ଦାସ, ସନ୍ତୋଷ କୁମାର ରାଉତ, ସୁଶାନ୍ତ କୁମାର ସ୍ୱାଇଁ ଉପସ୍ଥିତ ରହି ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲେ। ଚତୁର୍ଥ ଦିନର ଅନ୍ତିମ ଚରଣ ପ୍ରତିଯୋଗିତା ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍



ଚନ୍ଦ୍ରପୁର,୧୦।୧(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନରେ ଆସିଛନ୍ତି ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍। ଏହି ଟିମ୍‌ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଡା. ଶୁଭଜିତ୍ ରାଓ, ଡା. ବସନ୍ତ କୁମାର ସାହୁ, ଡା. ପ୍ରଶାନ୍ତ କୁମାର ସାବତ ପହଞ୍ଚି ବିଭିନ୍ନ ୱାର୍ଡ ବୁଲି ଦେଖିଥିଲେ। ୱାର୍ଡରେ ଥିବା ରୋଗୀ ମାନଙ୍କୁ ଠିକ୍ ଭାବରେ ଔଷଧ ଦିଆଯାଉଛି କି ନାହିଁ ରୋଗୀ ମାନଙ୍କୁ ପଚରି ବୁଝିଥିଲେ। ପରେ ପ୍ରସୁତି ବିଭାଗ ୱାର୍ଡକୁ ଯାଇଥିଲେ। ସେହିପର ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ତଃ ବିଭାଗ, ବର୍ହି ବିଭାଗ,, ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ, ବାହାରେ ପରିଷ୍କାର ପରିଚ୍ଛନ୍ନତା ନେଇ ବୁଲି ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ପରେ ବିଭାଗର ରେକର୍ଡ ପତ୍ର ଯାଞ୍ଚ କରି ନିରାମୟ ଔଷଧକେନ୍ଦ୍ର ଯାଇ ରେକର୍ଡ ଯାଞ୍ଚ କରିଥିଲେ ଟିମ। ଟିମ୍ ପରିଦର୍ଶନ କରିବା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିନ୍‌ଟେଣ୍ଡେଣ୍ଟ, ଡା. କେ ଡି ମଲ୍ଲିକ, ଡା. ସୁବ୍ରତ କୁମାର ଦାସ, ଡା. ସଙ୍ଗୀତା, ଫାର୍ମାସିଷ୍ଟ ଅମିତ୍ କୁମାର ମଲ୍ଲିକ, ଜଗନ୍ନାଥ ନାୟକ, ଭି ଭି ସନ୍ତୋଷ କୁମାର, ଜେ ଗୋବିନ୍ଦଙ୍କ ସହ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଜାତୀୟ ଯୁବ ଦିବସ ସପ୍ତାହ ପାଳିତ

ଚନ୍ଦାହାଣ୍ଡି,୧୦।୧(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଠାରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ଏକ ସପ୍ତାହ ବ୍ୟାପୀ ଯୁବ ଦିବସ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ଶ୍ରେଣୀ ବିଚାରପତିଙ୍କ କୋର୍ଟ ଓ ତାଲୁକ୍ ଲିଗାଲ କମିଟି ତରଫରୁ ଜାତୀୟ ଯୁବ ଦିବସ ସପ୍ତାହ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚନ୍ଦାହାଣ୍ଡି ଜେଏମ୍ଏଫ୍‌ସି ଜରୀନ ଖାନଙ୍କ ନେତୃତ୍ୱରେ ସ୍ଥାନୀୟ ପାନାବେଡା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏକ ବିଶାଳ ଶୋଭାଯାତ୍ରାରେ ନିଶା ବିରୋଧି ସ୍ଲୋଗାନ ଦେଇ ଚନ୍ଦାହାଣ୍ଡି ନଗର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ବରିଷ୍ଠ ଓକିଲ ମହମ୍ମଦ ହୁସେନ, କ୍ଷେମରାଜ୍ ବାଘ, ହୁମେଶ୍ୱର୍ ହଂସ ,ଶ୍ୟାମ ସୁନ୍ଦର ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କୋର୍ଟ କର୍ମଚାରୀ କେଶରୀ ମନହିରା, ନିଲୁ ପ୍ରସାଦ ଶବର ପ୍ରମୁଖ ପରିଚାଳନ କରିଥିଲେ। ପାନାବେଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶରତ ମାଝୀ, ଘନଶ୍ୟାମ ସାହୁ, ଇନ୍ଦ୍ର ନାୟକ, ଦଇତାରୀ ସାହୁ, ଦେବବ୍ରତ ବିଶ୍ୱାସ, ରୋହିତ ଭୋଇ, ହେମାନି ମେହେର, ଦିଲୀପ କୁମାର ପାଣ୍ଡେ, ଚିନ୍ମୟ ସ୍ୱାଇଁ, ବିଭୂତେନ୍ଦ୍ର ଆଚାର୍ଯ୍ୟ, ଅଶୋକ ସାହୁ, ଚିତରଞ୍ଜନ ମାଝୀ, ବସନ୍ତ ମହାରଣା ଓ ଡୋଲେଶ୍ୱର୍ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ମାଥିଲି, ୧୦।୧ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ସଦର ମହକୁମାରେ ଥିବା ନୂଆଗୁଡ଼ ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ତିନିଦିନିଆ ଶିକ୍ଷଣ ସହାୟକ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ସଦର ପଞ୍ଚାୟତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ନିହାର ରଞ୍ଜନ ବିଶ୍ୱାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମାଥିଲି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଏଫ୍ଏଲ୍ଏନ କାର୍ଯ୍ୟକ୍ରମର ୧୦ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି କର୍ମଶାଳାରେ ଯୋଗ ଦେଇଛନ୍ତି। ଶ୍ରେଣୀ ଗୃହରେ ଶିକ୍ଷା ଦାନ ସମୟରେ କିପରି ବିନା ଖର୍ଚ୍ଚ କିମ୍ବା ସ୍ୱଳ୍ପ ମୂଲ୍ୟରେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ସହ ଶ୍ରେଣୀ ପରିଚାଳନା କରିହେବ, ସେପରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରାଯାଉଛି। ତିନି ଦିନିଆ ଏହି କର୍ମଶାଳାରେ କାର୍ଡବୋର୍ଡ, ରଙ୍ଗୀନ କାଗଜ, ବିଭିନ୍ନ ରଙ୍ଗ ଦିଆଯାଇ ସୁନ୍ଦର ସୁନ୍ଦର ସାମଗ୍ରୀ ପ୍ରସ୍ତୁତି କରାଯାଉଛି। ଶେଷ ଦିନରେ ମାଟି ଓ ବିଭିନ୍ନ ଅବ୍ୟବହୃତ ବସ୍ତୁ ମାଧ୍ୟମରେ କାର୍ଯ୍ୟକ୍ରମ କରାଯିବ ବୋଲି ଜଣାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ନିରୀକ୍ଷଣ କରୁଛନ୍ତି। ଏହି ପରି ୨୦ଟି ପଞ୍ଚାୟତର ସିଆରସିସିଙ୍କ ଦ୍ୱାରା ଶିକ୍ଷଣ ସହାୟକ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହେଉଥିବା ଜଣାଯାଇଛି।

## ୧୦ଡିଗ୍ରୀ ତଳେ ପାରଦ

# ଜାଡ଼ରେ ଥରୁଛି ରାୟଗଡ଼ା



ରାୟଗଡ଼ା,୧୦।୧(ସମିସ): ସାରା ରାଜ୍ୟରେ ଶୀତ ଲହରୀ ଜାରି ରହିଛି। ହାଡ଼ଭଙ୍ଗା ଜାଡ଼ରେ ସମଗ୍ର ରାଜ୍ୟ ଥରୁ ଥିବା ବେଳେ ଏଥିରେ ରାୟଗଡ଼ା ସମେତ ସମଗ୍ର ଦକ୍ଷିଣ ଓଡ଼ିଶା ସାମିଲ ହୋଇଛି। ଗତ କିଛି ସପ୍ତାହ ହେଲା ପାରଦ ତଳକୁ ଖସୁଥିବା ବେଳେ ସୀମାନ୍ତ ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ସହରରେ ଜାଡ଼ର ପ୍ରକୋପ ବଢ଼ୁଥିବା ସହ ସକାଳ ୯ଟା ପର୍ଯ୍ୟନ୍ତ ଘନକୁହୁଡ଼ି ହେଉଥିବା ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଦିନସାରା ମେଘୁଆ ପାଗ ସହ ଥଣ୍ଡା ଅନୁଭୂତ ହେଉଥିବା ବେଳେ ରାତିରେ ତାପମାତ୍ରା ୧୨ ଡିଗ୍ରି ତଳକୁ ଖସୁଛି। ଅପରାହ୍ନରୁ ଧୀରେ ଧୀରେ କୋହଲା ପବନ ହେଉଥିବା ବେଳେ ସନ୍ଧ୍ୟା ପରେ ଶୀତର ପ୍ରକୋପ ବଢ଼ି ଅସହ୍ୟ ଥଣ୍ଡା ହେଉଛି। ଏଥି ସହ ରାତିରେ କୁହୁଡ଼ି ଆଚ୍ଛାଦିତ ହୋଇ ରହୁଛି ଏବଂ ପାହାନ୍ତିଆ ବେଳକୁ ଘନକୁହୁଡ଼ି କାରଣରୁ ଗାଡ଼ି ଦୁର୍ଘଟଣା ଘଟିବାର ସମ୍ଭାବନା ସୃଷ୍ଟି କରୁଛି। ରାୟଗଡା ଜିଲ୍ଲାର କାଶ୍ମୀର ବୋଲାଉଥିବା କାଶୀପୁର ବ୍ଲକ୍‌ରେ ଶୀତର ପ୍ରକୋପ ଅଧିକ ରହିଥିବା ଯୋଗୁଁ ଜନଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛି। ସେହିପରି ବିଷମ କଟକ, ମୁନିଗୁଡା, ଚନ୍ଦ୍ରପୁର, କୋଲନରା, ରାମନାଗୁଡ଼ା ଓ ଗୁଡ଼ାରୀ ଆଦି ଅଞ୍ଚଳରେ ଲୋକେ ଶୀତରେ କଲବଲ ହେଉଛନ୍ତି। ଏହି କିଛିଦିନ ହେଲା ରାତିର ତାପମାତ୍ରା ୧୦ ଡିଗ୍ରୀ ତଳେ ରହୁଛି। ଖଣି ଖାଦାନ ଭରା ଟିକିରି, କାଶୀପୁର ଅଞ୍ଚଳରେ ଧୂଳିଧୂଆଁ ଓ ଘନ କୁହୁଡ଼ି ଯୋଗୁ ରାସ୍ତାଘାଟ ଦେଖାଯାଉ ନାହିଁ। ସନ୍ଧ୍ୟା ଓ ସକାଳେ ବିଭିନ୍ନ ସ୍ଥାନରେ ଲୋକେ ଶୀତରୁ ରକ୍ଷା ପାଇବାକୁ ନିଆଁ ଜାଳୁଛନ୍ତି। ଗତ କିଛି ବର୍ଷ ହେଲା ଏଭଳି ଶୀତ ଉଭେଇ ଯାଇଥିଲା।



# ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଦୁଇ ବୃଦ୍ଧା

ପୋଡ଼ାଗଡ଼,୧୦।୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଗାଦିଆ ଗୁଡା ପଞ୍ଚାୟତ ଅନ୍ତର୍ଗତ ଟିକିରି ଗୁଡା ଗ୍ରାମରେ ସାଲାଇ ସାଉନ୍ତା ଓ ସିନାଇ ସାଉନ୍ତା ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ସାଲାଇ ସାଉଁନ୍ତା ବୟସ ୬୨ରୁ ଅଧିକା ହେବ। ତାଙ୍କ ସ୍ୱାମୀ ବୁଦୁ ସାଉଁନ୍ତାଙ୍କ ପରଲୋକ ହୋଇଯାରିଛି। ତାଙ୍କୁ ବିଧବା ଭତ୍ତା କିମ୍ବା ବାର୍ଦ୍ଧକ୍ୟ ଭତ୍ତା କିଛଇ ବି ମିଳୁନି। ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ମଧ ତାଙ୍କୁ ସାମିଲ କରାଯାଇ ନଥିବା ଦେଖିବାକୁ ମିଳିଛି। ସାଲାଇ ଏବେ ଏକାକୀ ରହୁଛନ୍ତି। କାମ ଦାମ କରିବାକୁ ଯାଇ ପାରୁନାହାନ୍ତି । ବହୁ କଷ୍ଟରେ ଜୀବନ ଯାପନ କରୁଥିବା ଗ୍ରାମର ଲୋକ ମାନେ କହିଛନ୍ତି। ସେହିପରି ବୃଦ୍ଧା ଶିନାଇ ସାଉଁନ୍ତା ସୁଦ୍ଧା ଭତ୍ତା ପାଇବାରୁ ବଞ୍ଚିତ ଥିବା ଜଣାପଡ଼ିଛି। ସୀନାଇ ସାଉଁନ୍ତାଙ୍କ ଆଧାର ନଥିବାରୁ ସେ ଭତ୍ତା କିମ୍ବା ଚାଉଳ ପାଉ ନାହାନ୍ତି। ଏହି ଦୁଇ ବୃଦ୍ଧାଙ୍କୁ ଭତ୍ତା ନେଇ ବାରମ୍ବାର ପଞ୍ଚାୟତର କର୍ମଚାରୀଙ୍କୁ ଅନୁରୋଧ କଲେ ସୁଦ୍ଧା ଧ୍ୟାନ ଦେଉ ନ ଥିବା ଗ୍ରାମବାସୀ କହିଛନ୍ତି।




# କଳାଶ୍ରୀ ପୁରସ୍କାର ପାଇବେ ଦୁଇ ବିଦ୍ୟାର୍ଥୀ

ସୁନାବେଡ଼ା,୧୦।୧(ସମିସ): ସୁନାବେଡ଼ା ନଗର ସ୍ଥିତ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୨୦୨୫ ଚିତ୍ରାଙ୍କନ ବାର୍ଷିକ ପରୀକ୍ଷାରେ ଭୁବନାନନ୍ଦ ମାଝୀ ଓ ନନ୍ଦିନୀ ଆଇକତ ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଭୟ ବିଦ୍ୟାର୍ଥୀଙ୍କ ନାମ କଳାଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ସଭାପତି ଶେଖ ଇବ୍ରାହିମ୍, ସମ୍ପାଦକ ମନୋଜ କୁମାର ମୁଦୁଲି, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ, ନୃତ୍ୟ ଶିକ୍ଷୟିତ୍ରୀ ହୃଦାଞ୍ଜଳି ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।



● ବିଶ୍ୱ ଦକ୍ଷତା ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

# ରୌପ୍ୟପଦକ ପାଇଲେ ହରପ୍ରିୟା ସାମଲ




କୋରାପୁଟ/ ଦାମନଯୋଡି,୧୦।୧ (ସମିସ): ଆଜି ଭୁବନେଶ୍ୱର ସରକାରୀ ଦକ୍ଷତା ବିକାଶ ମହାବିଦ୍ୟାଳୟ ଠାରେ ଆୟୋଜିତ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାଗ ନେଇ କୋରାପୁଟ ଜିଲ୍ଲା ଦାମନଯୋଡିର ଛାତ୍ରୀ କୁମାରୀ ହରପ୍ରିୟା ସାମଲ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି କୃତିତ୍ୱ ପାଇଁ ଆଜି ଲୋକସେବା ଭବନ ଠାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁଙ୍କ ଠାରୁ ମାନପତ୍ର ଏବଂ ପଦକ ଗ୍ରହଣ କରିଥିଲେ। କୋରାପୁଟ ଜିଲ୍ଲା ପାଇଁ ଏହା ଗୌରବ ବିଷୟ। ତାଙ୍କର ଏହି କୃତିତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ଏଥିପାଇଁ ସବୁ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। କୁମାରୀ ହରପ୍ରିୟା ସାମଲ ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ ସରକାରୀ ଦକ୍ଷତା ବିକାଶ ମହାବିଦ୍ୟାଳୟରେ ଅଧ୍ୟୟନରତ ତୃତୀୟ ବର୍ଷ ଛାତ୍ରୀ ଅଟନ୍ତି। ସେ କୋରାପୁଟ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ନିକୁଞ୍ଜ କିଶୋର ସାମଲ ଏବଂ ରେଣୁକା ସାମଲଙ୍କ କନ୍ୟା। ଆଗାମୀ ଦିନରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଜିଲ୍ଲା ତଥା ରାଜ୍ୟ ପାଇଁ କୃତିତ୍ୱ ଆଣିବେ ବୋଲି ପ୍ରକାଶ କରିଛନ୍ତି।

# ବିରଳ ପ୍ରଜାତିର ପ୍ରଜାପତି ଚିହ୍ନଟ



ନନ୍ଦପୁର,୧୦।୧ (ସମିସ): ନନ୍ଦପୁର ବ୍ଲକ ହିକିମ୍ପୁଟ୍ ସଦର ଗ୍ରାମପଞ୍ଚାୟତର ଏମ୍‌ବିକେ ଜସ୍ମିନି ଖରାଙ୍କ ଘର ପରିସରରୁ ଏକ ବିରଳ ପ୍ରଜାପତି ଉଦ୍ଧାର କରାଯାଇଛି। ଏହି ପ୍ରଜାତିକୁ ଦେଖି ପ୍ରଥମେ ତାଙ୍କ ପରିବାର ଲୋକେ କିଛିକ୍ଷଣ ଆତଙ୍କିତ ହୋଇଥିଲେ। କାରଣ ଏହି ପ୍ରଜାପତିର ରୂପ ସାଧାରଣ ପ୍ରଜାପତିଠାରୁ ଭିନ୍ନ। ତେବେ ଲୋକେ ଏହାର ଫଟୋ ନେଇ ଏଆଇ ସର୍ଚ୍ଚ କରି ପ୍ରଜାପତି ସମ୍ପର୍କରେ ଅବଗତ ହୋଇଥିଲେ। ଲୋକଙ୍କ ମନରୁ ଭୟ ଦୂର ହେବା ପରେ ଲୋକେ ପ୍ରଜାପତି ପାଖକୁ ଯାଇଥିଲେ।

ରେଳଯାତ୍ରୀଙ୍କୁ ପ୍ଲାଟ୍‌ଫର୍ମ ଯନ୍ତ୍ରଣା

# ୪ ନମ୍ବରରେ ଯାତ୍ରୀବାହୀ; ୧ ନମ୍ବରରେ ମାଲଗାଡ଼ି

■ ଦୁର୍ଦ୍ଦଶା ଭୋଗୁଛନ୍ତି ବୟସ୍କ, ଶିଶୁ, ମହିଳା ଓ ଦିବ୍ୟାଙ୍ଗ
■ ୩ ବର୍ଷ ହେଲା ଶୁଣିବାକୁ କେହି ନାହିଁ

କୋରାପୁଟ,୧୦।୧(ସମିସ):

କୋରାପୁଟ ରେଳଷ୍ଟେସନରେ ରେଳ ବିଭାଗର ମନମୁଖୀ କାର୍ଯ୍ୟ ଯୋଗୁଁ ହନ୍ତସନ୍ତ ହେଉଛନ୍ତି ଯାତ୍ରୀ। ଆଗରୁ ପ୍ଲାଟଫର୍ମ ନମ୍ବର ୧ରେ ନିର୍ଦ୍ଧାରିତ ସମୟସାରଣୀରେ ଯାତ୍ରୀ ଓହ୍ଲାଇବା ଓ ଚଢିବା ପାଇଁ ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନ ଲାଗୁଥିଲା । କିନ୍ତୁ ପ୍ରାୟ ୩ ବର୍ଷ ହେଲା ଆଧୁନୀକକରଣ ଓ ମରାମତି ଏବଂ ଷ୍ଟେସନର ସମ୍ପ୍ରସାରଣ କାର୍ଯ୍ୟ ଆଳ ଦେଖାଇ ୪ନମ୍ବର ପ୍ଲାଟଫର୍ମରେ ଯାତ୍ରୀବାହୀ ଟ୍ରେନ୍ ଯିବା ଆସିବା କରୁଛି। ଆଜି ଯାଏଁ ପ୍ଲାଟଫର୍ମ ୪ରୁ ୧କୁ ସ୍ଥାନାନ୍ତରିତ ହୋଇପାରୁନାହିଁ। କିନ୍ତୁ ମାଲଗାଡି ଗୁଡିକ ୧ ନମ୍ବର ପ୍ଲାଟଫର୍ମରେ ଯିବା ଆସିବା କରୁଛି। ଯାହାକୁ ନେଇ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ରେଳଯାତ୍ରୀ। ଅନ୍ୟପଟେ ବିଭିନ୍ନ ସମୟରେ ଏ ସମ୍ପର୍କିତ ଅସୁବିଧା ଯାତ୍ରୀ ଭୋଗୁଥିବା ନେଇ ରେଳ ମନ୍ତ୍ରଣାଳୟକୁ ଅବଗତ କରାଯାଇଥିଲା। ପୂର୍ବତଟ ରେଳବାଇର ବିଭାଗୀୟ ଅଧିକାରୀ ବାରମ୍ବାର କୋରାପୁଟ ଷ୍ଟେସନର ଆଧୁନୀକକରଣ କାର୍ଯ୍ୟ ତଦାରଖକୁ ଆସି ବୁଲି ଯାଉଥିଲେ ମଧ ସାଧାରଣ ଲୋକଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଯାହାକୁ ନେଇ ତେଜୁଛି ଅସନ୍ତୋଷ। କୋରାପୁଟରୁ ଭୁବନେଶ୍ୱର, ଜଗଦଲପୁର, ରାଉଲକେଲା, ବିଶାଖାପାଟଣା ଓ ହାୱଡା ଭଳି ସ୍ଥାନରୁ ପ୍ରତିଦିନ ଯାତ୍ରୀବାହୀ ଟ୍ରେନ୍ ଯିବା ଆସିବା କରେ। କେତେବେଳେ ସକାଳୁ ତ କେତେବେଳେ ଅଧରାତିରେ ଟ୍ରେନ୍ କୋରାପୁଟ ଷ୍ଟେସନରେ ଲାଗେ। ପ୍ଲାଟଫର୍ମ ନମ୍ବର ୧ ରୁ ୪ ନମ୍ବରକୁ ଯିବା ପାଇଁ ଫୁଟ୍ ଓଭର ବ୍ରିଜରେ ୩ଟି ଷ୍ଟେସନ ଦେଇ ଓହ୍ଲାଇବାକୁ ପଡେ। ହୁଇଲ ଚେୟାର ଯାଉଥିବା ଦିବ୍ୟାଙ୍ଗ ହେଉ କିମ୍ବା ଗୁରୁତର ରୋଗୀ ଓ ବୟସ୍କ ବ୍ୟକ୍ତି ଏମାନଙ୍କ ପାଇଁ ନାହିଁ ଲିଫ୍ଟ କିମ୍ବା ସ୍ୱତନ୍ତ୍ର ବ୍ୟବସ୍ଥା । ଦୀର୍ଘ ସମୟ ଯାତ୍ରା କରି ଆସିଥିବା ଯାତ୍ରୀ ଲଗେଜ ସହ ଫୁଟଓଭର ବ୍ରିଜ ଦେଇ ଯିବା ପାଇଁ ହନ୍ତସନ୍ତ ହେଉଛନ୍ତି। ସମଲେଶ୍ୱରୀ, ହୀରାଖଣ୍ଡ, ରାଉଲକେଲା ଏକ୍ସପ୍ରେସ ଭଳି ଯାତ୍ରୀବାହୀ ଟ୍ରେନ ଗୁଡିକ ପୂର୍ବେ ନିର୍ଦ୍ଧାରିତ ସମୟ ଭିତରେ ୧ ନମ୍ବର ପ୍ଲାଟଫର୍ମରେ ଲାଗୁଥିଲା। ଦୀର୍ଘ ୩ବର୍ଷ ହେବ ଷ୍ଟେସନ ସଂପ୍ରସାରଣ ଓ ଦୋହରୀକରଣ କାର୍ଯ୍ୟ ଚାଲୁଥିବାରୁ କୌଣସି ଯାତ୍ରୀବାହୀ ଟ୍ରେନକୁ ୧ ନମ୍ବର ପ୍ଲାଟଫର୍ମରେ ରହଣୀ ପାଇଁ ଅନୁମତି ନଦେଇ ୪ ନମ୍ବରରେ ଅନୁମତି ଦିଆଯାଉଛି। ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ଦୃଷ୍ଟିବାଧିତ ଶ୍ରେଣୀର ଲୋକେ ଫୁଟଓଭର ବ୍ରିଜ ଦେଇ ଯାଇପାରୁନଥିବା ବେଳେ ଷ୍ଟେସନ କଡ଼ ପାଦଚଲା ରାସ୍ତାରେ ଟ୍ରାକ୍ ଡେଇଁ ବିପଦପୂର୍ଣ୍ଣ ଭାବେ ଯିବାକୁ ବାଧ ହେଉଛନ୍ତି। ନିଜ ପିଲାଛୁଆଙ୍କ ସହ ଲଗେଜ ନେଇ ଫୁଟ୍‌ଓଭରରେ ଚଢିଯିବା ସାଧାରଣ ଯାତ୍ରୀଙ୍କ ପାଇଁ କଷ୍ଟସାଧ ହେଉଥିଲେ ବି ଗୁଡସ୍ ବଗି ପାଇଁ ବ୍ୟବସାୟୀ ମାନେ ଅସନ୍ତୁଷ୍ଟ ହେଉଛନ୍ତି। ଦୀର୍ଘଦିନ ହେଲା କେକେ ଓ କେଆର ଲାଇନ୍‌ର ଉନ୍ନତିକରଣ କାର୍ଯ୍ୟ ଚାଲିଛି। କେବେ ସରିବ କିଛି ଜଣାପଡୁନାହିଁ। କୋରାପୁଟରୁ ଭୁବନେଶ୍ୱର ଯିବା ପାଇଁ ଏକମାତ୍ର ଟ୍ରେନ ହୀରାଖଣ୍ଡ ଏକ୍ସପ୍ରେସ ବର୍ତ୍ତମାନ ୪ ନଂ ପ୍ଲାଟଫର୍ମରେ ଅଟକୁଛି। ଏହି ଅସୁବିଧା ଦୀର୍ଘ ୩ ବର୍ଷ ଧରି ଲାଗି ରହିଛି। ମାଲବାହୀ ଗାଡ଼ିକୁ ତିନି କିମ୍ବା ଚାରି ନମ୍ବରରେ ରଖାଯାଇ ଯାତ୍ରୀବାହୀ ଟ୍ରେନ୍‌କୁ ପ୍ରଥମରେ ରଖାଯାଉ ବୋଲି ଜିଲ୍ଲାବାସୀ ଦାବି କରିଛନ୍ତି। ଏନେଇ କୋରାପୁଟ ଷ୍ଟେସନ ମାଷ୍ଟର ଶ୍ରୀ ମାଝୀ କହିଛନ୍ତି କେକେ ଓ କେଆର ଲାଇନରେ ଦୋହରିକରଣ କାର୍ଯ୍ୟ ଜାରି ରହିଛି। ସମସ୍ୟା ଥିବାରୁ ୧ ନମ୍ବର ପ୍ଲାଟଫର୍ମର ଯାତ୍ରୀବାହୀ ଟ୍ରେନ୍ ଗୁଡିକ ଯିବା ଆସିବା କରି ପାରୁନାହିଁ। କିପରି ଏହି ସମସ୍ୟା ଦୂର ହେବ ସେଥିପାଇଁ କାର୍ଯ୍ୟ ଜାରି ରହିଛି । ରେଳ ବିଭାଗ ଯାତ୍ରୀମାନଙ୍କୁ ସମସ୍ତ ସୁବିଧା ପ୍ରଦାନ ପାଇଁ ସର୍ବଦା ତତ୍ପର ବୋଲି ସେ କହିଛନ୍ତି।



# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ଉମରକୋଟ,୧୦।୧(ସମିସ): ଉମରକୋଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ତିନୋଟି ପରୀକ୍ଷା କେନ୍ଦ୍ରରେ ହୋଇଥିଲା। ମୋଟ ୬୩୦ ଜଣ ପିଲା ପରୀକ୍ଷା ଦେଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମୋଟ ୨୨୭ ଜଣ, ସରକାରୀ ଏସଏସ ଉଚ୍ଚ ବିଦ୍ୟାଳୟ ଠାରେ ୨୨୫ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ମୋଟ ୧୭୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଉମରକୋଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମୋଟ ୮୦ଟି ସିଟ ଥିବାବେଳେ ସାଧାରଣ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ୧୫ଟି, ଅନୁସୂଚିତ ଜାତି ୫୨ ଓ ଅନୁସୂଚିତ ଜନଜାତିଙ୍କ ପାଇଁ ୧୩ଟି ସିଟ ସଂରକ୍ଷଣ ରହିଛି।

● ସରୁନି ପଞ୍ଚାୟତ କୋଠା ନିର୍ମାଣ

# ମନ୍ଦିର ଷ୍ଟଲରେ ଚାଲିଛି ପଞ୍ଚାୟତ କାର୍ଯ୍ୟାଳୟ

କୁନ୍ଦୁରା, ୧୦।୧(ସମିସ): ଲୋକଙ୍କ ହିତ ପାଇଁ ସରକାର ବହୁ ଯୋଜନା କାର୍ଯକାରୀ କରୁଛନ୍ତି। କିନ୍ତୁ ତୃଣମୁଳ ସ୍ତରରେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଯୋଜନାର ସଫଳ ରୂପାୟନ ହୋଇପାରୁନି। କୁନ୍ଦୁରା ବ୍ଲକ ପଖନାଗୁଡ଼ା ପଞ୍ଚାୟତରେ ନିର୍ମାଣ ସରୁନି ନୂତନ ପଞ୍ଚାୟତ କାର୍ଯ୍ୟାଳୟ କୋଠା କାମ। ଗତ ୨୦୧୬ ମସିହାରେ କୁନ୍ଦୁରା ବ୍ଲକରେ ଚାରିଟା ନୂତନ ପଞ୍ଚାୟତ ଗଠନ ହୋଇଥିଲା। ସେଥି ମଧ୍ୟରୁ ପଖନାଗୁଡ଼ା ପଞ୍ଚାୟତ ମଧ ରହିଛି। ଏହି ପଞ୍ଚାୟତରେ ୧୧ଟି ୱାର୍ଡ ରହିଛି। ଗତ ୨୦୧୯ ବର୍ଷରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ମନରେଗାରେ ୨୦ ଲକ୍ଷ ଟଙ୍କା, ଏସ୍‌ଏଫ୍‌ସି, ସିଏଫ୍‌ସିରେ ୧୫ ଲକ୍ଷକୁ ମିଶାଇ ସମୁଦାୟ ୩୫ ଲକ୍ଷ ଟଙ୍କାର ଅନୁଦାନ ରହିଛି। ହେଲେ ଆଜି ପର୍ଯ୍ୟନ୍ତ କାମ ସରୁନି। ଅଧପନ୍ତରିଆ ହୋଇ ରହିଛି ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ। ଗତ ୨୦୧୭ ଠାରୁ ଆଜିକୁ ୯ ବର୍ଷ ହେଲା ଅସ୍ଥାୟୀ ଭାବେ କାର୍ଯ୍ୟାଳୟ ଚାଲିଛି । ୧୦/୧୫ ଫୁଟର ମନ୍ଦିର ଷ୍ଟଲରେ ଚାଲିଛି କାର୍ଯ୍ୟାଳୟ। ସେଠାରେ ପିଡିଏସ୍ ସମାଗ୍ରୀ ବଣ୍ଟନ, ପେନସନ୍ ପ୍ରଦାନ ଓ କାର୍ଯ୍ୟାଳୟ ଚାଲିଛି । ବିଭିନ୍ନ ସଭା ସମିତି ନିକଟସ୍ଥ ମନ୍ଦିର ବାରଣ୍ଡାରେ କରାଯାଉଛି । ଏ ସବୁ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି ଜନ ସାଧାରଣ ଓ ପଞ୍ଚାୟତ କର୍ତ୍ତୃପକ୍ଷ। ବିଶେଷକରି ବୟସ୍କ ଏବଂ ଦିବ୍ୟାଙ୍ଗ ମାନେ ବହୁ ସମସ୍ୟା ଭୋଗୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରି କାର୍ଯ୍ୟକ୍ଷମ କରିବାକୁ ପଞ୍ଚାୟତବାସୀ ଓ ସରପଞ୍ଚ ସଦାଶିବ ଭତରା ଅନେକ ଥର ଅଭିଯୋଗ କରିଆସୁଛନ୍ତି । ତଥାପି କିଛି ସୁଫଳ ମିଳୁନାହିଁ। ଏ ନେଇ ବିଡିଓ ପି ମାନସ୍ମିତାଙ୍କୁ ପଚାରିବାରୁ ବହୁ ବର୍ଷ ହେବ ଅଧାପନ୍ତରିଆ ଭାବେ ପଡ଼ି ରହିଥିଲା କୋଠା। ସେ ଦାୟିତ୍ୱରେ ରହିବା ପର ଠାରୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । କୋଠା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍ କମ୍ ଦିନ ମଧ୍ୟରେ କାମ ସରିବ ଓ ନୂତନ କୋଠାରେ କାର୍ଯ୍ୟାଳୟ ଚାଲିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



# ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ



ପଟ୍ଟାଙ୍ଗି,୧୦।୧(ସମିସ):

କୋରାପୁଟ ଜିଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ପଟ୍ଟାଙ୍ଗି ଠାରେ ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ସରକାରୀ ଉଚ୍ଚ ବିଦ୍ୟାଳୟ ପଟ୍ଟାଙ୍ଗି ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍କା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଗାଙ୍ଗେଶ୍ୱରୀ ଉଚ୍ଚ ମାଧମିକ ବିଦ୍ୟାଳୟ, ପଟ୍ଟାଙ୍ଗିର ଅଧ୍ୟକ୍ଷ ରାମକୃଷ୍ଣ ସାମଲ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ, ପଟ୍ଟାଙ୍ଗି ଜୋନ ୨ର ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ବିଦ୍ୟାଳୟ ଆଲୁମିନା ସଦସ୍ୟ ପ୍ରତାପ ଚୌଧୁରୀ, ଶିଳ୍ପ ତାଲିମ କେନ୍ଦ୍ର ପଟ୍ଟାଙ୍ଗିର ଭାଇସ ପ୍ରିନ୍ସିପାଲ ଦେବ ପ୍ରସାଦ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲକ୍ଷ୍ମଣ ଚିକୁଡ୍ରୁ, ସମାଜସେବୀ ବଳରାମ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ଆତ୍ମନିଯୁକ୍ତି ନିମନ୍ତେ ବିଭିନ୍ନ ଖାଦ୍ୟ ସାମଗ୍ରୀ ଷ୍ଟଲ କରି କିଭଳି ବିକ୍ରି କରିବେ ଏବଂ ଆକାଂକ୍ଷା ମେଳା ଇନ୍‌ସ୍ୱାଗିଂ ଓଡ଼ିଶା ୨୦୩୬, ଆକାଂକ୍ଷା ଛାତ୍ର ପରିଷଦ ଟ୍ୟାଲେଣ୍ଟ ଗ୍ୟାଲେରୀ ଷ୍ଟଲ କରି ନିଜର ପ୍ରତିଭାକୁ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ପ୍ରଫୁଲ୍ଲ କୁମାର ବେହେରା, ଶିବ ଶଙ୍କର ସାହୁ ଏବଂ ସୁପ୍ରଭା ପରିଡ଼ା କରିଥିଲେ। ସେହିଭଳି ନୃତ୍ୟ ଏବଂ ସଚେତନ ମୂଳକ ନାଟକ କାର୍ଯ୍ୟକ୍ରମ ପରିଚାଳନରେ ପ୍ରଫୁଲ୍ଲ କୁମାର ବେହେରା, ଶିବା ଶଙ୍କର ସାହୁ ଏବଂ ଅନିତା ରାଉତ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗରେ ସଫଳ ହୋଇଥିଲା।

■ ବିପଦରେ ଗୋ-ସମ୍ପଦ

# ପ୍ରୋତ୍ସାହନ ନାହିଁ, ଅବାଧ ଗୋ-ଚାଲାଣ

ତେନ୍ତୁଲିଖୁଣ୍ଟି,୧୦।୧(ସମିସ): ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି ଗୋ ପାଳନ। ଉପଯୁକ୍ତ ପ୍ରୋତ୍ସାହନ ଅଭାବ , ଗୋଚର ଜାଗା ଅଭାବ, ଗାଈଗୋରୁଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅବହେଳା, ଗୋପାଳନରେ ଉପଯୁକ୍ତ ପାରିଶ୍ରମିକ ନ ମିଳିବା ଆଦି ଗୋପାଳନ ସଂଖ୍ୟା ହ୍ରାସର ଅନ୍ୟତମ କାରଣ ହୋଇଛି। ସୂଚନା ଅନୁଯାୟୀ, ତେନ୍ତୁଳିଖୁଣ୍ଟି ବ୍ଲକରୁ ଶହ ଶହ ଗୋରୁ ବିନା ପ୍ରତିବନ୍ଧକରେ ବାହାର ରାଜ୍ୟକୁ ଚାଲାଣ ହେଉଛନ୍ତି । ଫଳରେ ଅଞ୍ଚଳରେ ଗାଈଗୋରୁଙ୍କ ସଂଖ୍ୟା ହ୍ରାସ ପାଉଛି । ଗୋପାଳନରେ ଚାଷ ଦୈନିକ ଯେଉଁ ପରିଶ୍ରମ କରନ୍ତି, ତାହାର ଉପଯୁକ୍ତ ପାରିଶ୍ରମିକ ମିଳିପାରୁନଥିବା ଅଭିଯୋଗ ହେଉଛି। ଫଳରେ ଗୋପାଳନ ପ୍ରତି ଚାଷୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ଗାଈଗୋରୁଙ୍କ ଦେହ ଖରାପ ହେଲେ ଉପଯୁକ୍ତ ସମୟରେ ଚିକିତ୍ସା ମଧ ମିଳିପାରୁନଥିବା ଅଭିଯୋଗ ହେଉଛି । ଗୋଚର ଜମି ଅଭାବ ହେତୁ ଗାଈଗୋରୁ ରାସ୍ତା ଉପରେ ବୁଲାବୁଲି କରୁଛନ୍ତି । ଚାଷ ସମୟରେ ଅନ୍ୟ ଚାଷୀଙ୍କ ଜମିରେ ପଶି ଫସଲ ଖାଇବାକୁ ନେଇ ବିଭିନ୍ନ ସମୟରେ ପାଟିତୁଣ୍ଡ ହେଉଥିବାରୁ ଗୋପାଳନ ପାଇଁ ଚାଷୀ ଇଚ୍ଛା ପ୍ରକାଶ କରୁଥିବା ଜଣାପଡ଼ିଛି। ପୂର୍ବରୁ ତେନ୍ତୁଳିଖୁଣ୍ଟି ବ୍ଲକର ଗ୍ରାମାଞ୍ଚଳରେ ଶହ ଶହ ସଂଖ୍ୟକ ଗୋରୁ ବିଚରଣ ପାଇଁ ବାହାରୁଥିଲେ। ସମୟ କ୍ରମେ ତାହା ହ୍ରାସ ପାଉଛି । ଗୋପାଳନ ହାର ଯେଉଁ ମାତ୍ରାରେ ନିମ୍ନ ଗାମୀ ହେଉଛି, ବେଳହୁଁ ସରକାର ଏଥିପ୍ରତି ଦୃଷ୍ଟି ନଦେଲେ, ଆଗାମୀ ଦିନରେ ଗୋପାଳନ ସ୍ମୃତି ହୋଇ ରହିଯିବ ବୋଲି ମତ ପ୍ରକାଶ ପାଉଛି।



୧୫ ହଜାର ଧାନବସ୍ତା ପଡ଼ିରହିଛି

# ରାଜରାସ୍ତାକୁ ଓହ୍ଲାଇଲେ ଚାଷୀ

କୋଷାଗୁମୁଡା,୧୦।୧(ସମିସ): ଚାଷୀଙ୍କ ସମସ୍ୟାର ସମାଧାନ କରିବା ଦିଗରେ ସରକାର ବିଫଳ ହୋଇଛନ୍ତି। ଧାନ ଉଠିପାରୁ ନାହିଁ। ତେଣୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକରେ କୋଷାଗୁମୁଡା ଧାନମଣ୍ଡିରେ ୧୫ ହଜାରରୁ ଅଧିକ ଧାନବସ୍ତା ପଡି ରହିଛି। ଏଯାଏ ଗୋଟେ ବି ବସ୍ତା ଧାନ ସରକାର ଉଠାଇ ନାହାନ୍ତି। ତେଣୁ ବ୍ଲକର ଚାଷୀ ଏକତ୍ରିତ ହୋଇ ଆଜି ଦିବା ୧୧ଟା କୋଷାଗୁମୁଡା -ଛତିଶଗଡ ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ ଆରମ୍ଭ କରିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ଲିପିକା ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ପ୍ରମୁଖ ବିରୋଧୀ ଦଳ ନେତା ଓ ନେତ୍ରୀ ଘଟଣା ସ୍ଥଳରେ ରହି ଚାଷୀଙ୍କୁ ସମର୍ଥନ ଜଣାଇଥିଲେ। ଦୀର୍ଘ ଦୁଇ ଘଣ୍ଟା ରାଜରାସ୍ତା ଉପରେ ବସି ରହିବା ପରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଗାୟତ୍ରୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ସଂଯୁକ୍ତା ପ୍ରଧାନ, ସ୍ଥାନୀୟ ତହସିଲଦାର ତୁଳା ମୁଦଲି, ଏସ୍‌ଡିପିଓ ପାପଡାହାଣ୍ଡି ସତ୍ୟଜିତ କଣ୍ଡେଲକଲ, କୋଷାଗୁମୁଡା ଓ କୋଡିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସହିତ ପ୍ରତିଦିନ ମଣ୍ଡିରୁ ଦୁଇ ହଜାର କ୍ୱିଣ୍ଟାଲ ହିସାବରେ ପ୍ରତିଦିନ ଧାନ ମଣ୍ଡିରୁ ଧାନ ଉଠାଣ ହେବ ଓ କୌଣସି ଚାଷୀଙ୍କ ଟୋକନ ଖାରଜ ହେବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରି ଥିବା ଦେଖିବାକୁ ମିଳିଥିଲା।



# ପିପୁଲ୍ସ ପ୍ଲାନ୍ ଅଭିଯାନ କର୍ମଶାଳା

ପଟ୍ଟାଙ୍ଗି,୧୦।୧(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ପଞ୍ଚାୟତ ସମିତି ସଭାଗୃହ ଠାରେ ଆର୍ଥିକ ବର୍ଷ ୨୦୨୬-୨୭ର ନିରନ୍ତର ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ପରିପ୍ରେକ୍ଷୀରେ ବ୍ୟାପକ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି ନିମନ୍ତେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ପଟ୍ଟାଙ୍ଗି ପଞ୍ଚାୟତ ସମିତି ଓ ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟୀ, କୋରପୁଟଙ୍କ ମିଳିତ ଆନୁକୁଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଏହାର ଅବଶ୍ୟକତା ନେଇ କହିଥିଲେ। ଜନ ପ୍ରତିନିଧି ଗଣ ତଥା ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ଜିଲ୍ଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଜିଲ୍ଲା ପରିଷଦ ସଭ୍ୟ ଲଇଛନ ଖରା ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀ ତଥା ଅତିରିକ୍ତ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ମମିତା ନାୟକ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅନିଲ ସେଠି, ଯୋଗାଣ ନିରୀକ୍ଷକ ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମଟିରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନରୁ ତାଲିମପ୍ରାପ୍ତ ସାଧନ ବ୍ୟକ୍ତି ଭାବେ ତପନ ଖୋସଲା ତାଲିମଦାତା ଭାବରେ ଉକ୍ତ ବିଷୟଗତ ଜ୍ଞାନ ଉପରେ ଆଲୋଚନା କରିଥିଲେ। ପ୍ରକଳ୍ପ ପରିଚାଳକ କେ.ମୁରଲୀ କ୍ରୀଷ୍ଣା କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ରଘୁରାମ ମୁଠାଇ, ଦିଲ୍ଲୀପ କୁମାର ଚମ୍ପି, ରମେଶ ଚୌଧୁରୀ, ଜଗଦୀଶ ପାତ୍ର, ନାନ୍ସି ରୋଜାଲିନା କାର୍ତ୍ତିକ, ସୁଶ୍ରୀତା ମିଶ୍ର, ଭାଗ୍ୟଶ୍ରୀ ସାହୁ, ଆଲୋକ ମହାରଣା, ମୋହନ ଯାନୀ, ବିଶ୍ୱନାଥ ତାଡିଙ୍ଗି ଓ ବିଭିନ୍ନ ପଞ୍ଚାୟତରୁ ଗୋଷ୍ଠୀ ସାଧନ ବ୍ୟକ୍ତି ସମୂହ ସହଯୋଗ କରିଥିଲେ।



# ଶୁଷ୍କ ହେଉଛି ସପ୍ତଧାରା, ପାଲଟିବ ମରୁଭୂମି !

## ନବୀନ ପଟ୍ଟନାୟକଙ୍କ ଟୁଇଟ୍ ଦେଇଥିଲା ସ୍ୱତନ୍ତ୍ର ପରିଚୟ

ମାଲକାନଗିରି,୧୦।୧(ଅଶୋକ ମିଶ୍ର): ମାଲକାନଗିରି ଜିଲ୍ଲାର ପ୍ରାକୃତିକ ପରିବେଶ, ନଦୀ, ଝରଣା ଲୋକଙ୍କୁ କାହିଁ କେଉଁ ଦୂରରୁ ଆକର୍ଷିତ କରି ଟାଣି ଆଣୁଛି। ଅନେକ ଆକର୍ଷଣୀୟ ସ୍ଥାନ ମଧ୍ୟରୁ ଜିଲ୍ଲାର ସପ୍ତଧାରା ନଦୀ ତଟ ଅନ୍ୟତମ। ଏ ହେଉଛି ସେହି ନଦୀ, ଯାହାକି ଦିନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆକର୍ଷିତ କରିଥିଲା। ଆଉ ତାଙ୍କର ଗୋଟିଏ ଟୁଇଟ୍ ଏହି ନଦୀର ସୁନ୍ଦର ଦୃଶ୍ୟକୁ ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଦୂର ଦୂରାନ୍ତରୁ ଲୋକେ ଏହି ନଦୀର ସୁନ୍ଦରତାକୁ ଉପଭୋଗ କରିବାକୁ ଆସୁଥିଲେ। ବର୍ତ୍ତମାନ କିନ୍ତୁ ଏହି ସପ୍ତଧାରା ସତେ ଯେମିତି ଧରଣୀ ରାଣୀ କୋଳରେ ସମାଧି ନେବାକୁ ଯାଉଥିବା ପରି ଅନୁମାନ ହେଉଛି। ସାତଟି ପାହାଡିଆ ନଦୀର ସଙ୍ଗମରୁ ସୃଷ୍ଟି ହୋଇଥିବା ଏହି ସପ୍ତଧାରା ମାଲକାନଗିରି ଜିଲ୍ଲାର ଚିରସ୍ରୋତା ନଦୀ ମଧ୍ୟରୁ ଅନ୍ୟତମ ଅଟେ। ଏକଦା ବର୍ଷ ତମାମ ଦୁଇ କୂଳକୁ ଏହାର ଜଳରାଶି ଲଙ୍ଘିବାକୁ ପ୍ରୟାସ କରୁଥିଲା। ବର୍ତ୍ତମାନ କିନ୍ତୁ ଏହା ଶୁଷ୍କ ହେବାକୁ ବସିଲାଣି। କେବଳ ବର୍ଷା ଦିନେ ଜଳସ୍ତର



ବଢୁଥିବା ବେଳେ ଅନ୍ୟ ସମୟରେ ଏହା ଶୁଖିଲା ପଡୁଛି। କୋରାପୁଟ ଜିଲ୍ଲା ସହ ମାଲକାନଗିରି ଜିଲ୍ଲା ମଧ୍ୟ ଦେଇ ପ୍ରବାହିତ ଏହି ନଦୀ ପ୍ରାୟ ୪୫ କିମି ଲମ୍ବ ବୋଲି କୁହାଯାଏ। ଏହି ନଦୀର ଗୋଜିଆଗୁଡ଼ା, ମେଣ୍ଡକୁଲି, ଚାଲାଣଗୁଡ଼ା, ଦଗାମ, ଧୁଙ୍ଗିଆପୁଟ ଭଳି ସ୍ଥାନରେ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। ନଦୀ ଶୁଷ୍କ ହେବାର ଅନେକ କାରଣ ରହିଥିବା ବେଳେ ପ୍ରମୁଖ କାରଣ ମଧ୍ୟରେ ରହିଛି ଉପର ମୁଣ୍ଡରେ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ବନ୍ଧ ନିର୍ମାଣ। ସେହିପରି ନଦୀତଟରେ ପ୍ରଚୁର ନୀଳଗିରି ଗଛ ଲଗାଯିବା ଅନ୍ୟତମ କାରଣ ହୋଇଛି। ବର୍ଷା ଦିନରେ ୭ଟି ଶାଖା ନଦୀ ସହ ପାହାଡ଼ିଆ ଅଞ୍ଚଳର ପାଣି ସପ୍ତଧାରା ଦେଇ ପ୍ରବାହିତ ହେଉଥିବାରୁ ୩୨୬ ନଂ ଜାତୀୟ ରାଜପଥ ଉପରକୁ ମାଡି ଆସିଥାଏ ନଦୀ। ଘଞ୍ଚ ଅରଣ୍ୟ ଭିତରେ ପ୍ରବାହିତ ସପ୍ତଧାରା ଜିଲ୍ଲାର ଅନନ୍ୟ ପର୍ଯ୍ୟଟନସ୍ଥଳୀ ଭାବେ ମଧ୍ୟ ପରିଚିତ। ବର୍ଷତମାମ ନଦୀକୂଳରେ ପର୍ଯ୍ୟଟକ ଭୋଜିଭାତ କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ଉଠାଇଥାନ୍ତି। ୨୦୧୭ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଗସ୍ତରେ ଆସିଥିବା ବେଳେ ଆକାଶମାର୍ଗରୁ ସପ୍ତଧାରାର ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ ଟୁଇଟ୍ କରି ଏହି ସ୍ଥାନର ବେଶ୍ ପ୍ରଶଂସା କରିଥିଲେ। ସପ୍ତଧାରାର ବିକାଶ ସହ ବୃହତ୍ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଘୋଷଣା କରିଥିଲେ। ସମୟକ୍ରମେ ନଦୀର ଜଳଧାରା କମିବାରେ ଲାଗିଥିବାରୁ ପୂର୍ବ ଭଳି ଆଉ ପର୍ଯ୍ୟଟକଙ୍କ ଭିଡ଼ ମଧ୍ୟ ଜମୁନି। ପର୍ଯ୍ୟଟନ ବିଭାଗ ପକ୍ଷରୁ ସପ୍ତଧାରା ପିକନିକ୍ ପଏଣ୍ଟରେ କୌଣସି ସୁବିଧା କରାଯାଇନି। କେବଳ ଗୋଟିଏ ବୋର୍ଡ ଲଗାଇ ବିଭାଗ କାମ ସାରି ଦେଇଛି। ସପ୍ତଧାରା ଶୁଖିବା ପରେ ସଂରକ୍ଷିତ ଜଙ୍ଗଲରେ ରହୁଥିବା ଜୀବଜନ୍ତୁ ପାଣି ପାଇଁ ତହଳ ବିକଳ ହେଉଛନ୍ତି। ଅନ୍ୟପଟେ ପାଣି ବିନା ଶୁଷ୍କ ହୋଇ ପଡିଥିବା ସପ୍ତଧାରା ଇତିହାସ ପାଲଟିବାକୁ ବସିଲାଣି। ତେବେ ପୂର୍ବ ସରକାର ସମୟରେ ଏହି ନଦୀର ରକ୍ଷଣାବେକ୍ଷଣା ସହ ଏହାକୁ ପର୍ଯ୍ୟଟନର ମାନ୍ୟତା ଦେବା ପାଇଁ ପଦକ୍ଷେପ ନେଇଥିଲେ। ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଘୋଷଣା କରିଥିବା ବେଳେ ବର୍ତ୍ତମାନ ଏହି ନଦୀ ସତେଯେମିତି ସରକାର ଓ ବିଭାଗ ପାଇଁ ଅଲୋଡା ହୋଇ ପଡିଥିବା ଅନୁମାନ ହେଉଛି। ବର୍ତ୍ତମାନ ସରକାର ଏହି ନଦୀକୁ ଅଣଦେଖା କରୁଥିବା ମନେ ହେଉଥିବା ବେଳେ ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏହି ନଦୀର ପୁନଃ ଉଦ୍ଧାର ତଥା ନଦୀ କିପରି ଚିରସ୍ରୋତା ହୋଇ ପାରିବ ଏବଂ ପୁଣି ଏହାର ସୌନ୍ଦର୍ଯ୍ୟ ଫେରିପାଇବ ସେଦିଗରେ ସରକାର କୌଣସି ପଦକ୍ଷେପ ନ ନେଲେ ତେବେ ଏହା ଦିନେ ଇତିହାସ ପାଲଟିଯିବ ବୋଲି ବୁଦ୍ଧିଜୀବୀ କହୁଛନ୍ତି।

■ ଅଶୋକା ସିନେମା ହଲରେ ପ୍ରଶଂସକଙ୍କ ଉନ୍ମତ୍ତକାଣ୍ଡ

# ସ୍କ୍ରିନ୍‌ରେ ପ୍ରଭାସଙ୍କ ଏଣ୍ଟ୍ରି ବେଳେ ନିଆଁ ଲଗାଇ ଦେଲେ



ରାୟଗଡ଼ା,୧୦।୧(ସମିସ): ଦକ୍ଷିଣ ଭାରତର ଟଲିଉଡ୍ ସୁପରଷ୍ଟାର ପ୍ରଭାସଙ୍କ ନୂଆବର୍ଷରେ ନୂଆ ସିନେମା ରାଜାସାହେବ ରିଲିଜ ହୋଇଥିବା ବେଳେ ରାୟଗଡ଼ା ସହରର ଅଶୋକା ସିନେମା ପ୍ରେକ୍ଷାଳୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପ୍ରଭାସଙ୍କ ପ୍ରଶଂସକମାନେ

**● ଅଳ୍ପକେ ବର୍ତ୍ତିଛନ୍ତି ସିନେ ପ୍ରେମୀ**

ସ୍କ୍ରିନରେ ପ୍ରଭାସଙ୍କ ଏଣ୍ଟ୍ରିକୁ ନେଇ ନଡ଼ିଆ ଆଳତୀ କରି ଖୁସି ମନାଇଥିବା ବେଳେ ଆଳତୀ ନିଆଁରେ ସ୍କ୍ରିନ ନିକଟରେ ଥିବା କିଛି ସାମଗ୍ରୀ ଜଳି ଯାଇଥିଲା। ଏହି ନିଆଁକୁ ଲିଭେଇବା ପାଇଁ ପ୍ରଶଂସକମାନେ ପିନ୍ଧିଥିବା କପଡ଼ା ଓହ୍ଲାଇ ଲିଭେଇବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ଲିଭି ନ ଥିଲା। ତୁରନ୍ତ ସିନେମା ହଲର କିଛି କର୍ମଚାରୀ ଅଗ୍ନି ନିର୍ବାପକ ଯନ୍ତ୍ର ଦ୍ୱାରା ନିଆଁକୁ ଆୟତ୍ତ କରିଥିଲେ। ତେବେ ହିରୋଙ୍କ ପ୍ରତି ପ୍ରଶଂସକଙ୍କ ଏଭଳି ଭଲ ପାଇବାର ଉନ୍ମତ୍ତକାଣ୍ଡ ଅନ୍ୟଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଛି। ସୌଭାଗ୍ୟବଶତଃ ସିନେମା ହଲରେ ନିଆଁ ଅଧିକ ବ୍ୟାପି ନ ଥିବା ଯୋଗୁଁ କୌଣସି ଧନଜୀବନ ହାନି ହୋଇନାହିଁ। ତେବେ ସିନେମା ହଲରେ ଉପସ୍ଥିତ ଥିବା ଅନ୍ୟ ଦର୍ଶକମାନେ ଏଭଳି ଉନ୍ମତ୍ତକାଣ୍ଡକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ସିନେମା ହଲ ମାଲିକ ଏବଂ କର୍ମଚାରୀଙ୍କୁ ଆଗାମୀ ଦିନରେ ଏଭଳି କାଣ୍ଡ ଭିଆଉଥିବା ପ୍ରଶଂସକଙ୍କୁ ଭିତରକୁ ପ୍ରବେଶ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ତେବେ ନିଆଁ ଲାଗିଥିବା ଦୃଶ୍ୟକୁ କିଛି ଯୁବକ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଏହା ଗଣମାଧ୍ୟମ ନଜରକୁ ଆସିଥିଲା।

# ଭ୍ୟାନ୍-ବାଇକ୍ ମୁହାଁମୁହିଁ, ୪ ଆହତ

ଜୟପୁର,୧୦।୧(ସମିସ): ରେଲଷ୍ଟେସନ ଛକ ୨୬ ନମ୍ବର ଜାତୀୟ ରାଜପଥରେ ଏକ ଓମିନି ଭ୍ୟାନ ସହିତ ଏକ ବାଇକ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍‌ରେ ଯାତ୍ରା କରୁଥିବା ୩ ଯୁବକ ଏବଂ ଭ୍ୟାନ ଚାଳନା କରୁଥିବା ବ୍ୟକ୍ତି ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟ, ଆଜି ଅପରାହ୍ନ ସାଢେ ୪ ଟା ସମୟରେ ପଟାଙ୍ଗି ଥାନା ମାଳୀପୁଟ ଗ୍ରାମର ଶୈଳନ୍ଦ୍ର କୁମାର ଚୌଧୁରୀ (୬୧) ନିଜ ପରିବାର ସହିତ ଛତିଶଗଡର ଜଗଦଲପୁର ମେଡିକାଲ କାର୍ଯ୍ୟରେ ଯାଇ ନିଜର ଭ୍ୟାନ ନମ୍ବର ଓଡି ୦୫ ଏଏମ୧୬୧୫ ଯୋଗେ ଫେରୁଥିବା ବେଳେ ବିପରୀତ ଦିଗରୁ ଏକ ବାଇକ୍ ନମ୍ବର ଓଡି୧୦ ଏକ୍ସ ୭୧୯୬ରେ ୩ ଜଣ ଯୁବକ ଦ୍ରୁତଗତିରେ ଅନ୍ୟ ଏକ ଗାଡିକୁ ଓଭରଟେକ୍ କରିବା ବେଳେ ଭ୍ୟାନ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଭ୍ୟାନ୍ ଚାଳକ ଶୈଳେନ୍ଦ୍ର ସାମାନ୍ୟ ଆହାତ ହୋଇଥିବା ବେଳେ ୩ ବାଇକ ଚାଳକ ଆହତ ହୋଇଛନ୍ତି। ସମସ୍ତଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ୩ ବାଇକ ଚାଳକ ବୋରିଗୁମ୍ମା ଥାନା ଅଞ୍ଚଳର ବୋଲି ଜଣାପଡିଛି । ସେମାନଙ୍କ ପରିଚୟ ମିଳିନଥିବା ନେଇ ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ଆହତ ଭ୍ୟାନ ଚାଳକଙ୍କ ଭାଇ ଧର୍ମେନ୍ଦ୍ର କୁମାର ଚୌଧୁରୀଙ୍କ ଏତଲା ଅନୁଯାୟୀ ଏକ ମାମଲା ଥାନାରେ ରୁଜୁ ହୋଇଛି।

# କ୍ଲଷ୍ଟରସ୍ତରୀୟ ଶିକ୍ଷଣ ଉପକରଣ କର୍ମଶାଳା



ମାଲକାନଗିରି ୧୦।୧(ସମିସ): ମାଲକାନଗିରି ବ୍ଲକ ତମସା ପଞ୍ଚାୟତର ଆଞ୍ଚଳିକ ସାଧନ କେନ୍ଦ୍ରର ତ୍ରିଦିବସୀୟ ଟିଏଲ୍ଏମ୍ କର୍ମଶାଳା ସ୍ଥାନୀୟ ତମସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ତମସା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ସନିସା ଦାସ, ମୁଖ୍ୟବକ୍ତା ଭାବେ ତମସା ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅମୃତ ସରକାର ଉପସ୍ଥିତ ରହି କର୍ମଶାଳାର ଉପକାରିତା ସମ୍ପର୍କରେ କହିବା ସହ ସ୍ୱଳ୍ପ ଖର୍ଚ୍ଚ କିମ୍ବା ବିନା ଖର୍ଚ୍ଚରେ କିପରି ଟିଏଲ୍ଏମ୍ ପ୍ରସ୍ତୁତ କରି ହେବ ଏବଂ ଶ୍ରେଣୀ କୋଠରୀରେ ପିଲାମାନଙ୍କ ଶିକ୍ଷଣକାର୍ଯ୍ୟରେ ଟିଏଲ୍ଏମ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବୁଝାଇଥିଲେ। ତିନିଦିନ ଧରି ଚାଲିଥିବା କର୍ମଶାଳା ଆଜି ଉଦ୍‌ଯାପିତ ହୋଇଛି। ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅଂଶଗ୍ରହଣ କରି ଶହେରୁ ଗଣିତ, ଭାଷା, ଇଂରାଜୀ ବିଭାଗରୁ ମୋଟ ଶହେରୁ ଅଧିକ ପ୍ଲାଷ୍ଟିକମୁକ୍ତ ଟିଏଲ୍ଏମ୍ ପ୍ରସ୍ତୁତ କରି ପାରିଛନ୍ତି। ଶିକ୍ଷକ ଯୋଗେନ୍ଦ୍ର ନାଥ ସାହୁ, ବୃନ୍ଦାବନ ଭୋଇ, ଦେବାଶିଷ ପାଲ, ଶିକ୍ଷୟିତ୍ରୀ ସବିତା ସରକାର, ମଧୁସ୍ମିତା ହାଲଦାର, ରଞ୍ଜିତା ଦାସ, ଶୁଭ୍ରତା ମାର୍ଣ୍ଡି, ପ୍ରଜ୍ଞା ସାମଲ, ପ୍ରଜ୍ଞାପାରମିତା ବାରିକ, ଜମୁନା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶିକ୍ଷଣ ଉପକରଣ ପ୍ରସ୍ତୁତି ସହ ପିଲା ମାନଙ୍କ ଦୈନନ୍ଦିନ ଶିକ୍ଷଣରେ ସହଯୋଗୀ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ତମସା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ପଟ୍ଟନାୟକ ସମସ୍ତ ଟିଏଲ୍ଏମ୍‌କୁ ତଦାରଖ କରି ଉପକରଣ ଗୁଡ଼ିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ପାଇଁ ବେଶ ଉପାଦେୟ ବୋଲି ମତ ବ୍ୟକ୍ତ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଦୁଇଟି ଉତ୍ତମ ଟିଏଲ୍ଏମ୍‌କୁ ବ୍ଲକ୍‌ସ୍ତରକୁ ମନୋନୀତ କରିଥିଲେ।

# ଲାଞ୍ଜିଆ ସୌରା ଲୋକନୃତ୍ୟକୁ ଜୟପୁର ମହାରାଜାଙ୍କ ପ୍ରଶଂସା



ରାୟଗଡ଼ା,୧୦।୧(ସମିସ): ପୁଷ ପୁନେଇଁ ପାଳନ ଅବସରରେ ଜୟପୁର ମହାରାଜା ବିଶେଶ୍ୱର ଚନ୍ଦ୍ରଚୁଡ ଦେବ ରାୟଗଡ଼ା ଜିଲ୍ଲା ପୁଟାସିଂ ସ୍ଥିତ ରେଜିଙ୍ଗତାଲ ଗ୍ରାମର ଲାଞ୍ଜିଆ ସୌରା ଜନଜାତିଙ୍କ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରି ଆସୁଥିବା ଦଳ ସହ କିଛି ସମୟ ଜୟପୁର ରାଜନଗରରେ ଅତିବାହିତ କରି ଏହି ନୃତ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ନୃତ୍ୟକାଳକାରଙ୍କ ବେଶଭୂଷା, ବିଭିନ୍ନ ବାଦ୍ୟଯନ୍ତ୍ର, ଅଳଙ୍କାର ଓ ନୃତ୍ୟରେ ବ୍ୟବହୃତ ମୟୂରଚୂଳ ଆଦିକୁ ଆଜି ମଧ୍ୟ ଲୋ ଲୋଚନରେ ଉଦ୍‌ଜୀବିତ କରି ରଖି ନିଜ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ କରାଯାଉଥିବା ଉଦ୍ୟମକୁ ମଧ୍ୟ ବେଶ ପ୍ରଶଂସା କରିଥିଲେ। ପୂର୍ବରୁ ଜୟପୁର ମହାରାଜାଙ୍କ ଅଧୀନରେ ଅବିଭକ୍ତ କୋରାପୁଟ ଜିଲ୍ଲାର ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଓ ରାୟଗଡା ରହିଥିବା ବେଳେ ଉକ୍ତ ଅଞ୍ଚଳ ଗୁଡିକୁ ମହାରାଜ, ମହାରାଣୀମାନେ ଗସ୍ତ କରୁଥିଲେ। ଏହି କ୍ରମରେ ରାୟଗଡ଼ା ଜିଲ୍ଲାର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ, ସ୍ଥାପତ୍ୟକୁ ଅତି ନିକଟରୁ ସେମାନେ ଦେଖି ଆସିଥିବାରୁ ଜିଲ୍ଲାର ଆଦିବାସୀ ପରମ୍ପରାର ଲୋକ ନୃତ୍ୟକୁ ରାଜ ପରିବାର ଆଜି ବି ମନେ ରଖିଥିବା ମହାରାଜା ବିଶେଶ୍ୱର ଚନ୍ଦ୍ରଚୁଡ ଦେବ ପ୍ରକାଶ କରି ଲାଜିଂଆ ସୌରା କଳାକାରଙ୍କୁ ଉତ୍ସାହିତ କରିଥିଲେ।

# ଏଚ୍‌ଡିଏଫ୍‌ସି ଏଗ୍ରୋ ଜେନେରାଲ ବୀମା କମ୍ପାନୀ ଦଣ୍ଡିତ

ରାୟଗଡ଼ା, ୧୦।୧(ସମିସ): ରାୟଗଡ଼ା ଜିଲ୍ଲା ଖାଉଟି ବିବାଦ ବିଚାର କମିଶନଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି । କମିଶନଙ୍କ ଦ୍ୱାରା ଏଚ୍‌ଡିଏଫସି ଏଗ୍ରୋ ଜେନେରାଲ ବୀମା କମ୍ପାନୀ ଦଣ୍ଡିତ ହୋଇଛି। ସୂଚନା ପ୍ରକାରେ ଦୁର୍ଘଟଣାରେ କ୍ଷତିଗ୍ରସ୍ତ କାରର କ୍ଷତି ପୂରଣ ଦେବାରେ ଅହେତୁକ ଅବହେଳା କରିଥିବା ଅଭିଯୋଗରେ ବୀମା କମ୍ପାନୀକୁ କମିଶନ ଦଣ୍ଡିତ କରାଯାଇଛି। ଉପଭୋକ୍ତାଙ୍କୁ ଗାଡି ମରାମତି ବାବଦରେ ୨୭,୯୬୯ ଟଙ୍କା କ୍ଷତିପୂରଣ ସହ ୭ ମାର୍ଚ୍ଚ ୨୦୨୫ ତାରିଖ ଠାରୁ ସୁଧ ଲାଗୁ କରିଛନ୍ତି। ମାମଲା ଖର୍ଚ୍ଚ ସ୍ୱରୂପ ଉପଭୋକ୍ତାଙ୍କୁ ୫,୦୦୦ ଟଙ୍କା ଦେବାକୁ ମଧ୍ୟ ଆଦେଶ ଦେଇଛନ୍ତି। ଆଦେଶର ୨୫ ଦିନ ମଧ୍ୟରେ ଟଙ୍କା ପୈଠ ନ କଲେ ବୃଦ୍ଧିତ ସୁଧ ଲାଗୁ ହେବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଗତ ଡିସେମ୍ବର ୧୩ ସନ୍ଧ୍ୟାରେ ବରିଷ୍ଠ ସାମ୍ବାଦିକ କୀର୍ତ୍ତିଚନ୍ଦ୍ର ସାହୁଙ୍କ କାରଟି କୋରାପୁଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଶତ ପ୍ରତିଶତ ବୀମା ଦାବିଦାର ପଲିସୀ ଭୁକ୍ତ ରହିଥିବା ସତ୍ତ୍ୱେ ଏଚ୍‌ଡିଏଫସି ଏଗ୍ରୋ ଜେନେରାଲ ବୀମା କମ୍ପାନୀ କ୍ଷତିପୂରଣ ଦେବାରେ ବିଳମ୍ବ କରିଥିଲା। ଏହାର ପ୍ରତିବାଦରେ ନ୍ୟାୟ ପାଇଁ ସାମ୍ବାଦିକ କୀର୍ତି ସାହୁ ଖାଉଟି ବିବାଦ ବିଚାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ। ବୀମା କମ୍ପାନୀ ବିରୋଧରେ ୧୧/୨୦୨୫ରେ ମାମଲା ଦରଜ ହୋଇଥିଲା। ଆୟୋଗର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା ଓ ସଦସ୍ୟ ଶତୀଶ କୁମାର ପାଣିଗ୍ରାହୀ ଉଭୟ ପକ୍ଷଙ୍କ ଆପତ୍ତି ଅଭିଯୋଗ ଶୁଣିବା ସହ ନଥି ପ୍ରମାଣକୁ ଯାଞ୍ଚ କରି ବୀମା କମ୍ପାନୀକୁ ଦଣ୍ଡିତ କରିଛନ୍ତି। ଉପଭୋକ୍ତାଙ୍କ ପକ୍ଷରୁ ଆଇନଜୀବୀ ଲାବଣ୍ୟ ମୋହନ ପଟନାୟକ ଓ ବୀମା କମ୍ପାନୀ ପକ୍ଷରୁ ନିତୁ ରାୟ ମାମଲା ଲଢୁଥିଲେ।

# ଏମ୍‌ଭି ୨୬ ଗ୍ରାମରେ ହୋମଯଜ୍ଞ

କୋରୁକୋଣ୍ଡା,୧୦।୧(ସମିସ): ମାଲକାନଗିରି ଜିଲ୍ଲା ଏମଭି ୨୬ ଗ୍ରାମରେ ଗତ ଡିସେମ୍ବର ୭ ଓ ୮ ତାରିଖରେ ହୋଇଥିବା ହିଂସାକାଣ୍ଡ ଘଟଣା ପରେ ଗ୍ରାମରେ ଶାନ୍ତି ଫେରିବା ଓ ଗ୍ରାମର ମଙ୍ଗଳ କାମନା କରି ବ୍ରହ୍ମ ପୂଜା ହୋମ ଯଜ୍ଞ ସହ ଶାନ୍ତି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପୂଜନ କାର୍ଯ୍ୟକ୍ରମକୁ ଜିଲ୍ଲା ବଙ୍ଗୀୟ ବ୍ରାହ୍ମଣ ସମାଜ ପକ୍ଷରୁ ଆୟୋଜନ କରଯାଇଥିଲା। ଏଥିରେ ଗ୍ରାମର ସମସ୍ତ ଲୋକେ ଯୋଗ ଦେଇ ଗ୍ରାମର ବିକାଶ, ଉନ୍ନତି ଓ ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରିଥିଲେ। ଗତ ଡିସେମ୍ବର ୭ ଓ ୮ ତାରିଖରେ ଗ୍ରାମରେ ହୋଇଥିବା ହିଂସାକାଣ୍ଡରେ ଗ୍ରାମର ପ୍ରତିଟି ପରିବାର ନାନା ସମସ୍ୟାର ସାମ୍ନା କରିଥିଲେ। ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଲୋକେ ବର୍ତ୍ତମାନ ମଧ୍ୟ ଦୁଃଖଦ ସ୍ଥିତିରେ ଗତି କରୁଛନ୍ତି। ତେଣୁ ପୂର୍ବ ପରି ଗ୍ରାମରେ ଶାନ୍ତି ଫେରି ଆସିବା ସହ ଲୋକଙ୍କ ସମସ୍ୟାର ସମାଧାନ ଓ ସମୃଦ୍ଧି ପାଇଁ ଏହି ପୂଜନ କରାଯାଇଥିବା ପୂଜକ ମାନେ ପ୍ରକାଶ କରିଛନ୍ତି।

# ମଡେଲ ଡିଗ୍ରୀ କଲେଜର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




ରାୟଗଡ଼ା,୧୦।୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଅମ୍ଲାଭଟ୍ଟା ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ରାୟଗଡ଼ା ଠାରେ ଦୁଇଦିନିଆ ପଞ୍ଚମ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଉଦ୍‌ଘାଟନ ଦିବସରେ ଅତି ପ୍ରତ୍ୟୁଷରୁ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଜେକେପୁର ଦୁର୍ଗା ମନ୍ଦିର ଠାରୁ ମଶାଲ ଶୋଭାଯାତ୍ରାରେ ବାହାରି ମହାବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚିଥିଲେ। ଖେଳ ପଡ଼ିଆରେ ପୂର୍ବରୁ ଅଧ୍ୟକ୍ଷା ଡକ୍ଟର ଶ୍ୟାମା ମହାପାତ୍ର ସମେତ ଡକ୍ଟର ସଂଯୁକ୍ତା କୁମାରୀ ମାଝୀ, ଡକ୍ଟର ପବିତ୍ର ମୋହନ ପ୍ରଧାନ, ଡକ୍ଟର ସୁନୀଲ ବିଷୋୟୀ ପ୍ରମୁଖ ସହକାରୀ ପ୍ରଫେସର ଉପସ୍ଥିତ ଥିଲେ। ଆନୁଷ୍ଠାନିକ ଭାବେ ମଶାଲ ସ୍ଥାପନ ସହ କ୍ରୀଡ଼ା ପତାକା ଉତ୍ତୋଳନ କରି କ୍ରୀଡ଼ା ଉତ୍ସବକୁ ଅଧ୍ୟକ୍ଷା ଡକ୍ଟର ମହାପାତ୍ର ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ସଂସଦର ଉପ ସଭାପତି ଡକ୍ଟର ଲଳିତ ମୋହନ ବେହେରା, ସହ ସଭାପତି ଯଥାକ୍ରମେ କେଦାରନାଥ ଶବର ଏବଂ ଜିତେନ୍ଦ୍ର ସାରାକା କ୍ରୀଡ଼ା ଉତ୍ସବକୁ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ନାଥନ୍ ବେସ୍ରା, ସରକାରୀ ଉଚ୍ଚ ବିଦ୍ୟାଳୟ ହାଲବା ଓ ସୁଲୁଡି ରାୟଗଡ଼ାର କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଯଥାକ୍ରମେ ପ୍ରମୋଦ କୁମାର ପ୍ରଧାନ ଏବଂ ଶ୍ରୀମତୀ ପ୍ରୀତିସ୍ୱଦା ରାଉତରାୟ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ରାୟଗଡ଼ାରେ ରାମଧନୁ ଯାତ୍ରାକୁ ସ୍ୱାଗତ



ରାୟଗଡ଼ା,୧୦।୧(ସମିସ): ରାୟଗଡାରେ ସ୍ୱର୍ଣ୍ଣ ଧନୁ ଯାତ୍ରାକୁ ସ୍ୱାଗତ କରାଯାଇଛି। ରାୟଗଡା ଠାରୁ ଜେକେପୁର ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ସନାତନୀ ହିନ୍ଦୁ ଶ୍ରଦ୍ଧାଳୁ ଏହି ଭବ୍ୟ ଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସିରିଗୁଡା, କପିଳାସ ଛକ, ବୁଦ୍ରୱାଲସା ଛକ, ତୁମ୍ବିଗୁଡା ଛକ, ଖଲିଗୁଡ଼ା, କତପେଟା, ଦେବଦଳା ଓ ଜେକେପୁର ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ସ୍ୱର୍ଣ୍ଣ ଧନୁଷକୁ ପୁଷ୍ପ ପୂଜାର୍ଚ୍ଚନା ଓ ହରିନାମ ସଂକୀର୍ତ୍ତନ ସହ ସ୍ୱାଗତ କରାଯାଇଥିଲା। ଏହି ୨୮୩ କେଜି ଓଜନର ବିଶାଳ ସ୍ୱର୍ଣ୍ଣ ଧନୁଷଟି ଚଳିତ ମାସ ୨ ତାରିଖରେ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ସ୍ଥିତ ହନୁମାନ ବାଟିକାରୁ ସନାତନ ଜାଗରଣ ମଞ୍ଚ ପକ୍ଷରୁ ନିର୍ମାଣ କରାଯାଇଥିଲା। ଏହ କାର୍ଯ୍ୟକ୍ରମରେ ରାୟଗଡାର ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସହ ହଜାର ହଜାର ହିନ୍ଦୁ ଲୋକ ଏକତ୍ରିତ ହୋଇଥିଲେ।

# ବିଭିନ୍ନ ଗ୍ରାମରେ ସାମାଜିକ ସମୀକ୍ଷା



ମାଲକାନଗିରି,୧୦।୧ (ସମିସ): ଓଡ଼ିଶା ସାମାଜିକ ସମୀକ୍ଷା, ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ସମିତି (ଓସାଟ) ତରଫରୁ ମାଲକାନଗିରି ଜିଲ୍ଲାର ବିଭିନ୍ନ ଗ୍ରାମରେ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ (ଏମଓଏସଜେଇ) ବିଭାଗର ଆଦର୍ଶ ଗ୍ରାମ, ଆନ୍ତଃଜାତି ବିବାହ, ବୃଦ୍ଧାଶ୍ରମ, ଆଟ୍ରୋସିଟି କେଶ, ଛାତ୍ରବୃତ୍ତି ପାଇଥିବା ପିଲାମାନଙ୍କର ଆବାସିକ ବିଦ୍ୟାଳୟର ସାମାଜିକ ସମୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ଅଂଶଗ୍ରହଣ, ବିଭିନ୍ନ ଉନ୍ନୟନ କାର୍ଯ୍ୟର କ୍ଷେତ୍ର ପର୍ଯ୍ୟବେକ୍ଷଣ, ଆର୍ଥିକ/ସରକାରୀ ସ୍ତରରେ ଥିବା ରେକର୍ଡ ଯାଞ୍ଚ କରିବା ଏବଂ ଫରକ ଥିବା ଦସ୍ତାବିଜ ଗୁଡିକୁ ରିପୋର୍ଟ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା। ଏହି କାର୍ଯକ୍ରମରେ ଓସାଟରୁ ଜିଲ୍ଲା ସାମାଜିକ ସମୀକ୍ଷକ ପୁରୀରୁ ରାଜକିଶୋର ପରିଡ଼ା, ମାଲକାନଗିରିର ଅନିଲ କୁମାର ମହାରଣା, କାଲିମେଳା ବ୍ଲକରୁ ଟି. ମୁରଲୀ କ୍ରିଷ୍ଣା ଏବଂ ତାଙ୍କ ଟିମ୍, ନବରଙ୍ଗପୁର ଜିଲ୍ଲାରୁ ଆଦିତ୍ୟ କୁମାର ଭୂୟାଁ ବ୍ଲକ ସାମାଜିକ ସମୀକ୍ଷକ ଏବଂ ତାଙ୍କ ଟିମ୍ ଏବଂ କୋରାପୁଟ ଜିଲ୍ଲାରୁ ସୁଶାନ୍ତ ଖିଲ ମାଲକାନଗିରି ଟିମ୍‌ରେ ଆସି ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷଙ୍କୁ ଭେଟି ବିଭିନ୍ନ ଗ୍ରାମକୁ ଯାଇ ସାମାଜିକ ସମୀକ୍ଷା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ କାଲିମେଳା ବ୍ଲକ ପୁସୁଗୁଡା, ଚିତ୍ରାଙ୍ଗପାଲି, କାଙ୍ଗୁରକୋଣ୍ଡା, ନାଲାଗୁଣ୍ଟି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ଭେଟି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଗ୍ରାମ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହିତ ସାମାଜିକ ସମୀକ୍ଷା କରିଛନ୍ତି।

# ମଡେଲ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ




ମାଲକାନଗିରି ୧୦।୧ (ସମିସ): ମାଲକାନଗିରି ଜିଲ୍ଲା ଏମଭି ୩ ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଆଲୋକ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉତ୍ସବକୁ ଉଦ୍‌ଘାଟନ କରି ଶିକ୍ଷା କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନରହି ନିଜର ସଂସ୍କୃତି ଓ ମୂଲ୍ୟବୋଧର ବିକାଶ ପାଇଁ ସହାୟକ ହେବା ଆବଶ୍ୟକ ବୋଲି କହିଥିଲେ। ମହାବିଦ୍ୟାଳୟର ଆଡ୍‌ମିନିଷ୍ଟ୍ରେଟିଭ୍ ବିଭାଗର ଡକ୍ଟର ପ୍ରସନ୍ନ କୁମାର ବରାଳ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଇଂରାଜୀ ବିଭାଗର ମୁଖ୍ୟ ଡକ୍ଟର ନାଇଜେଲ୍ ପିଟର ଓ ବ୍ରାଇନ୍ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଏବଂ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସ୍ମୃତିଫଳକ ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମହାବିଦ୍ୟାଳୟର ଆଇକ୍ୟୁଏସି କନ୍‌ଭେନର ଡକ୍ଟର ଦେବାଶୀଷ ପହି ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପିକା ସ୍ମାଇଲ୍ ବୈଷ୍ଣବ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଯୁଧିଷ୍ଠିର ମହାଙ୍କୁଡ଼ ସ୍ମାରକୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଗୁଣପୁର,୧୦।୧(ସମିସ): ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ପଡିଆରେ ଆଜି ଯୁଧିଷ୍ଠିର ମହାଙ୍କୁଡ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଉପଲକ୍ଷେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣପୁର ବ୍ଲକ୍ ଉପାଧ୍ୟକ୍ଷ ତଥା ଉତ୍ସବ ପରିଚାଳନା କମିଟିର ସମ୍ପାଦକ ସୁଦର୍ଶନ ଶବର, କମିଟିର ବରିଷ୍ଠ ଉପ ସଭାପତି କୈଳାସ ଦାସ, ରମେଶ ଲିମା, ଯୁବ ସମାଜସେବୀ ରାମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରାୟଗଡ଼ା ଚିନାସାରୀ, ସାମ୍ଭୁନି, ମୁକୁନ୍ଦପୁର ଆଦି ଅଞ୍ଚଳରୁ ୮ ଟିମ୍ ଭାଗ ନେଇଛନ୍ତି। ପୁରୁଣା ଗୁଣପୁର ସହ ଶ୍ରୀକାନ୍ତ ସିକ୍ସରେ ପୁରୁଣା ଗୁଣପୁର ଆଜି ବିଜୟ ଲାଭ କରିଥିବା ବେଳେ ତରୁଣ ସିକ୍ସ ସହ ଅମିତ୍ ସିକ୍ସରେ ତରୁଣ ସିକ୍ସ ବିଜୟ ଲାଭ କରିଥିଲେ। ଅନୁରୂପ ଭାବେ ସଞ୍ଜୁ ସିକ୍ସ ସହ ଡାଇନାମିକ ସିକ୍ସ ମଧ୍ୟରୁ ସଞ୍ଜୁ ସିକ୍ସ ବିଜୟ ଲାଭ କରିଥିଲେ । ଶେଷରେ ରାଇଜିଙ୍ଗ ଷ୍ଟାର୍ ସହ ରେବେଳ ସିକ୍ସ ଖେଳି ଥିଲେ ମଧ୍ୟ ଏଥିରେ ରାଇଜିଙ୍ଗ ଷ୍ଟାର ଦଳ ବିଜୟ ଲାଭ କରିଥିଲେ। ବିଜୟ ଲାଭ କରିଥିବା ୪ ଦଳ ଆସନ୍ତା କାଲି ସେମି ଫାଇନାଲ ଖେଳିବା ସହିତ ସେଥିରେ ବିଜୟ ଦଳ ଫାଇନାଲ ଖେଳିବାରେ କାର୍ଯ୍ୟକ୍ରମ ଅଛି ବୋଲି ଆୟୋଜକ ଶାନ୍ତନୁ କାର୍ଜୀ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ରେଫରୀ ଭାବେ କୁଞ୍ଜ କଂସ ବେହେରା ଦାୟିତ୍ୱ ତୁଲାଇଥିଲେ। ସମଗ୍ର ଖେଳକୁ ନୀର ଶବର, ଅମିତ୍ ଶବରଙ୍କ ସମେତ ସ୍ଥାନୀୟ ଯୁବକ ମାନେ ପରିଚାଳନା କରିଥିଲେ।

# ସଙ୍କୀର୍ତ୍ତନ ପ୍ରତିଯୋଗିତା, ସତ୍‌ସଙ୍ଗ କାର୍ଯ୍ୟକ୍ରମ

 କୁଡୁମୁଲୁଗୁମ୍ମା, ୧୦।୧(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଖନାଗୁଡା ଗ୍ରାମର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଏକଲ ଅଭିଯାନ ସଂସ୍କାର ଶିକ୍ଷା ଆନୁକୂଲ୍ୟରେ ସଙ୍କୀର୍ତ୍ତନ ପ୍ରତିଯୋଗିତା ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ସମ୍ପାଦକ ତଥା ଏକଲ ଓସ୍କାର ଶିକ୍ଷାର ଜିଲ୍ଲା ସଭାପତି ବାଲାରାଜୁ ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଏକଲ ଅଭିଯାନର ଜିଲ୍ଲା ସମ୍ପାଦକ ସୀମାଞ୍ଚଳ ପଣ୍ଡା, ମହନ୍ତ ବ୍ରହ୍ମାନନ୍ଦ ଦାସ, ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ସଙ୍ଗଠନ ମନ୍ତ୍ରୀ ଶିବ ପ୍ରସାଦ ମିରଧା, ଓଡ଼ିଶା ସମ୍ଭାଗ ବ୍ୟାସ କାର୍ଯ୍ୟକର୍ତ୍ତା ଗଣେଶ ନାୟକ ଓ ଜିଲ୍ଲା ହିନ୍ଦୁ ଜାଗରଣ ପ୍ରମୁଖ ବିଜୟାନନ୍ଦ ପଡାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥିବା ଆଠ ଗୋଟି ସଙ୍କୀର୍ତ୍ତନ ମଣ୍ଡଳୀ ମାନଙ୍କୁ ନେଇ ଏକ ସଙ୍କୀର୍ତ୍ତନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖାସକରି ଦଳ ମାନଙ୍କର ବାଦ୍ୟଯନ୍ତ୍ର ପରିବେଷଣ, ତାଳ ଲୟର ସମିଶ୍ରଣ ଓ ବେଶଭୂଷାକୁ ପାଥେୟ କରି ତିନିଟି ମଣ୍ଡଳୀକୁ ଶ୍ରେଷ୍ଠ ଭାବେ ବିବେଚନା କରାଯାଇ ଗୁନିଆଗୁଡା ସଙ୍କୀର୍ତ୍ତନ ଦଳକୁ ପ୍ରଥମ, ବନ୍ଧଗୁଡା କଳାକାର ଦଳକୁ ଦ୍ୱିତୀୟ ଓ ସିରିପେଟା ସଙ୍କୀର୍ତ୍ତନ ମଣ୍ଡଳୀକୁ ତୃତୀୟ ଭାବେ ପୁରସ୍କୃତ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମକୁ



ମାଲକାନଗିରି ଅଞ୍ଚଳ ବ୍ୟାସ କାର୍ଯ୍ୟକର୍ତ୍ତା ଅର୍ଜୁନ ଶାସ୍ତ୍ରୀ ମଞ୍ଚ ପରିଚାଳନା କରିଥିଲେ। ତାଙ୍କୁ ଅକ୍ଷୟ କୁମାର ହୋତା, ରାମଚନ୍ଦ୍ର ମାଢୀ, ପଦଲାମ୍ ଦୁମାଲୀ, ଗୌରାଙ୍ଗ ଗାଦବା, ଗୋପିନାଥ ଗାଗଡ, ଶୁକ୍ରା ମାଢୀ, କାର୍ତ୍ତିକ ମାଢୀ, ଅର୍ଜୁନ ମାଢୀ ଓ ଶ୍ରୀଧର ଆଦବାରୀ ପ୍ରମୁଖ ସହଯୋଗ କରିଥିଲେ।

